୬ ଜ୍ୟୋତିଙ୍କୁ ମିଳିଲା ଗୁରୁଦାୟିତ୍ୱ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୨୩୪ ● ୨୧ ସେପ୍ଟେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-234 ● 21st September 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




### ସାର ସଙ୍କଟ ଉପରେ ସ୍ୱତନ୍ତ୍ର ଆଲୋଚନା ଦାବିରେ ବିଜେଡ଼ିର ନାରାବାଜି-ହଟ୍ଟଗୋଳ

# ତୃତୀୟ ଦିନ ବି ଚାଲିପାରିଲାନି ବିଧାନସଭା

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଚଳିତ ମୌସୁମୀ ଅଧିବେଶନର ଶନିବାର ତୃତୀୟ କାର୍ଯ୍ୟ ଦିବସରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିପାରି ନଥିଲା। କେବଳ ପୂର୍ବତନ ବିଧାୟକ ସ୍ୱର୍ଗତ ଜର୍ଜ ତିର୍କୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସୁରୁଖୁରୁ ରୂପେ ସମ୍ପନ୍ନ ହେବା ବ୍ୟତୀତ ପ୍ରଥମାର୍ଦ୍ଧରେ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଚାଲିପାରି ନଥିଲା। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ପୂର୍ବଦିନ ପରି ଚାଷୀ ସମସ୍ୟା ଓ ସାର ଅଭାବ ପ୍ରସଙ୍ଗ ଉଠାଇ ସ୍ୱତନ୍ତ୍ର ଆଲୋଚନା ଦାବିରେ ଗୃହର ମଧ୍ୟଭାଗକୁ ଆସି ନାରାବାଜି, ହଟ୍ଟଗୋଳ ଚଳାଇଥିଲେ। ଯାହାଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ବାରମ୍ବାର ବିଧାୟକମାନଙ୍କୁ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ ମଧ୍ୟ ତାର କୌଣସି ସୁଫଳ ଜଣାପଡ଼ି ନଥିଲା। ବିଜେଡ଼ି ବିଧାୟକମାନେ ନିଜ ନିଜ ହାତରେ ପ୍ଲାକାର୍ଡ଼, ପୋଷ୍ଟର, ବ୍ୟାନର ଧରି ପ୍ରଦର୍ଶନ କରିବା ସହ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକଜୁଟ ହୋଇ ସରକାର ବିରୋଧୀ ନାରାବାଜି କରିଥିଲେ। ଚାଷୀ ମାରଣ ନୀତି ଚଳିବ ନାହିଁ, ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ କରାଯାଉ ଆଦି ଦାବିରେ ସେମାନେ ସ୍ଲୋଗାନ ଦେଇଥିଲେ। ବିଜେଡ଼ି ବିଧାୟକମାନଙ୍କ ନାରାବାଜୀ ବେଳେ ଗୃହରେ ଉପସ୍ଥିତ କଂଗ୍ରେସ ବିଧାୟକମାନେ (ପୃଷ୍ଠା ୭ରେ)




## ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ବିୟୋଗରେ ଗୃହରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଆଜି ବିଧାନସଭାର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦.୩୦ ମିନିଟରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଆରମ୍ଭ କରିଥିଲେ। ପ୍ରଥମେ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ, ଆଲୋଚନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବା ସହ ଦିବଂଗତ ନେତାଙ୍କ ସ୍ମୃତିଚାରଣ କରି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଆତ୍ମାର ସଦଗତି (ପୃଷ୍ଠା ୭ରେ)

# ଲୋକସେବା ଭବନର ହେବ ନବକଳେବର

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ୬୮ ବର୍ଷ ପୁରୁଣା ରାଜ୍ୟ ସଚିବାଳୟର ନାମ ପରିବର୍ତ୍ତନ କରି ୨୦୧୯ ଜୁଲାଇ ୨୯ ତାରିଖରେ ତତକାଳୀନ ବିଜେଡି ସରକାର 'ଲୋକସେବା ଭବନ' ନାମକରଣ କରିଥିଲେ। ଲୋକସେବା ଭବନରୁ କିଛି ବିଭାଗକୁ ନୂଆ କୋଠା 'ଖାରବେଳ ଭବନ'କୁ ମଧ୍ୟ ସ୍ଥାନାନ୍ତର କରାଇଥିଲେ ।

ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ଭାବେ ପରିଚିତ ଲୋକସେବା ଭବନ ବା ସଚିବାଳୟର ନବକଳେବର ହେବ । ନୂଆ ଲୋକସେବା ଭବନ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଏହାର ପରିବର୍ଦ୍ଧିତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ(ଓବିସିସି)କୁ ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟ, ରାଜୀବ ଭବନ, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଖାରବେଳ ଭବନ, କୃଷି ଭବନ ଆଦି ଅଞ୍ଚଳକୁ ମିଶାଇ ଏହି ନୂଆ ଲୋକସେବା ଭବନ କମ୍ପ୍ଲେକ୍ସ ତିଆରି ହେବ ବୋଲି ସୂଚନା ମିଳିଛି ।

ଶନିବାର ବିଧାନସଭାରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଜେଡ଼ି ବିଧାୟିକା ସୁବାସିନୀ ଜେନାଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ନୂଆ ଲୋକସେବା ଭବନ ନିର୍ମାଣ କରିବା ନିମନ୍ତେ ତା'ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ଓବିସିସିକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ମାଷ୍ଟର ପ୍ଲାନଟି ଅନୁମୋଦନ ହେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ବ୍ୟୟ ଅଟକଳ କରି ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ । ବର୍ତ୍ତମାନର ଲୋକସେବା ଭବନ କୋଠା ୬୮ ବର୍ଷ ପୁରୁଣା ଓ ଏବେ ପାର୍କିଂ ସମସ୍ୟା ଗୁରୁତର ହେଉଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।




ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାର ନୂଆ ଲୋକସେବା ଭବନ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କାର୍ଯ୍ୟ ଓବିସିସିକୁ ଦିଆଯାଇଛି । ଲୋକସେବା ଭବନର ଅର୍ଥାତ୍ ଷ୍ଟେଟବ୍ୟାଙ୍କ ଶାଖା ଓ କ୍ୟାଣ୍ଟିନ ଥିବା ଅଞ୍ଚଳକୁ ସିଧାସଳଖ ସେଚ ସଦନ ଓ ଖାରବେଳ ଭବନ ସହ ଯୋଡ଼ିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଛି । ମଝିରେ ଥିବା ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସେଠାରୁ ସ୍ଥାନାନ୍ତର କରାଯିବ। ଭୁବନେଶ୍ୱର କ୍ଲବ ପାଖ ଟ୍ରାଫିକ ଛକ ଠାରୁ ସଚିବାଳୟ ପଛପଟ ରାସ୍ତା ଦେଇ ପାୱାରହାଉସ୍ ଛକ ପର୍ଯ୍ୟନ୍ତ ଥିବା ସମସ୍ତ ଅଞ୍ଚଳକୁ ସମ୍ମିଳିତ କରାଯାଇ ଏହି ନୂଆ ଲୋକସେବା ଭବନ କମ୍ପ୍ଲେକ୍ସ ପ୍ରସ୍ତୁତ କରାଯିବାକୁ ଯୋଜନା ଚାଲିଛି । ଲୋକସେବା ଭବନର ପୁରୁଣା କୋଠାକୁ ମଧ୍ୟ ଭଙ୍ଗାଯିବ ବୋଲି ସୂଚନା ମିଳିଛି । (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଜାଗୁଆର-ଲ୍ୟାଣ୍ଡ ରୋଭର୍ ସାଇବର ଆକ୍ରମଣ ପରେ ଉତ୍ପାଦନ ବନ୍ଦ ଜାରି।
- ୟୁରୋପୀୟ ସଂଘ ରୁଷିଆର 'ତରଳ ପ୍ରାକୃତିକ ଗ୍ୟାସ୍' ରପ୍ତାନୀରେ ନୂଆ ପ୍ରତିବନ୍ଧକ।
- ପାକିସ୍ତାନର ବଲୁଚିସ୍ତାନରେ ଡ୍ରୋନ୍ ଆକ୍ରମଣରେ ପରିବାର ମୃତ୍ୟୁ।
- ହଂକଂରେ ବିଶାଳ ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ମିଳିଲା; ହଜାରେ ଲୋକଙ୍କୁ ସ୍ଥାନାନ୍ତର।
- ଓଡ଼ିଶାର ୭୭୫ ବୃଦ୍ଧ ନାଗରିକ ଅଯୋଧ୍ୟା ଓ କାଶୀକୁ 'ପର୍ଯ୍ୟଟକ ଟ୍ରେନ୍'ରେ ପ୍ରସ୍ଥାନ କଲେ।
- ବାଲେଶ୍ୱରରେ ବିଦ୍ୟୁତ ତାର ଛିଡ଼ି ପଡ଼ି, ଦୁଇ ଭାଇ ମୃତ।
- ବନ ବିଭାଗ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ 'ଅସମ୍ପୃକ୍ତ ସମ୍ପତ୍ତି' ସହିତ ଧରାପଡ଼ିଲେ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୨୧୫ (+୮୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୮୦ (+୭୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୪୧୧ (+୬୧)

### ରୁପା ଦର

ରୁପା – ପ୍ରତି ଗ୍ରାମ ୧୪୫ (+୨)

# ଗଞ୍ଜାମରେ ହେବ ଗ୍ରୀନ ଫିଲ୍ଡ ସାଟେଲାଇଟ୍ ବନ୍ଦର

ନୂଆଦିଲ୍ଲୀ, ୨୦।୯

ଓଡ଼ିଶା ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣଠାରେ ନିର୍ମାଣ ହେବ ଗ୍ରୀନ ଫିଲ୍ଡ ସାଟେଲାଇଟ୍ ବନ୍ଦର। ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ୧୫୦ ମିଲିଅନ ମେଟ୍ରିକ ଟନ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ବନ୍ଦର ନିର୍ମାଣ କରାଯିବ। ଏଥିଲାଗି ପାରାଦ୍ୱୀପ ବନ୍ଦର, ଓଡ଼ିଶା ସାମୁଦ୍ରିକ ପରିଷଦ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅଧୀନ ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଗୁଜରାଟର ଭାବନଗରଠାରେ ଅନୁଷ୍ଠିତ ଟ୍ରାନ୍ସଫର୍ମିଂ ମାରିଟାଇମ ସେକ୍ଟର କନକ୍ଲେଭରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି।



ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ଏକ ପ୍ରମୁଖ ସାମୁଦ୍ରିକ ରାଜ୍ୟ। ପ୍ରଧାନମନ୍ତ୍ରୀ ଗତିଶକ୍ତି (ପୃଷ୍ଠା ୭ରେ)

# ୨୭ରେ ପ୍ରଧାନମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ନେଇ ପରିବହନ ମନ୍ତ୍ରୀ ଓ ଡିଜିପିଙ୍କ ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରହ୍ମପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ବ୍ରହ୍ମପୁର ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ବନ୍ଧରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି ।



ଶନିବାର ପୂର୍ବାହ୍ନରେ ଡିଜିପି ଶ୍ରୀ ଖୁରାନିଆ ବ୍ରହ୍ମପୁର ଗସ୍ତରେ ଆସି ପ୍ରଥମେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ଆସନ୍ତା ୨୭ ତାରିଖରେ (ପୃଷ୍ଠା ୭ରେ)

# ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ପରଲୋକ

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ବିଶିଷ୍ଟ ଆଦିବାସୀ ନେତା ଓ ଚାରିଥର ବିଧାୟକ ଥିବା ଜର୍ଜ ତିର୍କୀଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ବେସରକାରୀ ହସ୍ପିଟାଲରେ ଦେହାନ୍ତ ଘଟିଛି। ମୃତ୍ୟୁବେଳକୁ ସେ ୬୮ ବର୍ଷ ହୋଇଥିଲା ଓ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ।

ଜର୍ଜ ତିର୍କୀ ଜଣେ ସମ୍ମାନିତ ଓ ତୃଣମୂଳସ୍ତରର ଆନ୍ଦୋଳନକାରୀ ଥିଲେ, ଯିଏ ନିଜ ସମ୍ପୂର୍ଣ୍ଣ ଜୀବନକୁ ଆଦିବାସୀ ସମୁଦାୟଙ୍କର ଅଧିକାର ଓ କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ। ଦଶନ୍ଧି ଧରି ସେ ସମାଜର ପଛୁଆବର୍ଗର ଲୋକମାନଙ୍କ ପାଇଁ ସଶକ୍ତ ସ୍ୱର ହୋଇ ରହିଥିଲେ ଓ ନିଜ ସାଂଗଠନିକ କ୍ଷମତା ଓ ସ୍ୱତନ୍ତ୍ର ରାଜନୈତିକ ଦୃଷ୍ଟିକୋଣ ପାଇଁ ପ୍ରସିଦ୍ଧ ଥିଲେ।

ତିର୍କୀ ଚାରିଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। (ପୃଷ୍ଠା ୭ରେ)

# କୋଣାର୍କ – ଭୁବନେଶ୍ୱର ନୂଆ ରେଳପଥ ପାଇଁ ନିମାପଡା ଓ ଗୋପରେ ହେବ ଲୋକେସନ ସର୍ଭେ

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ବହୁ ପ୍ରତୀକ୍ଷିତ କୋଣାର୍କ – ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି । ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଚିଠି ମାଧ୍ୟମରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଏହି ରେଳ ପଥକୁ ନିମାପଡା ଓ ଗୋପ ଦ୍ୱାରା



ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଦ୍ୱାରା ନିମାପଡା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ କୋଣାର୍କ ଭୁବନେଶ୍ୱର ରେଳପଥର ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ ପାଇଁ ଗୋପ ଓ ନିମାପଡାରେ ଫାଇନାଲ ଲୋକେସନ ସର୍ଭେ ପାଇଁ ମଞ୍ଜୁରୀ ଦେଇଛନ୍ତି ।(ପୃଷ୍ଠା ୭ରେ)

# ସରୋଜ ବେହେରା ବୋର୍ଡ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର, ୨୦।୯ : ନ୍ୟୁଜ୍ ବ୍ୟୁରୋ

ଓଏଏସ୍ ଅଧିକାରୀ ସରୋଜ ବେହେରା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ)ର ନୂଆ ସମ୍ପାଦକ ହୋଇଛନ୍ତି। ପୂର୍ବରୁ ସରୋଜ ବେହେରା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଦାୟିତ୍ୱରେ ଥିଲେ। ସେହିପରି ବୋର୍ଡ ସମ୍ପାଦକ ଦାୟିତ୍ୱରେ ଥିବା ସୋନିଆ ମିଶ୍ର ଅବକାରୀ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ପାଇଛନ୍ତି।

## ଏକାଳ ପଖାଳ



କିରିକେଟ ଖେଳେ ଜିତିବା ପାଇଁ କି
ପାକିସ୍ତାନ ଛଟପଟ
ପୁରୁଣା ମାଡ ହାରିବା ଭୁଲିକି
ଚାହୁଁଛି କରିବ ନାଟ
ଯେତେ ବସେଇଲେ ହାଟ
ଭାଗ୍ୟଲେଖା ବଦଳିବନି ତୋ'
ଭାରତ ମାରିବ ଛାଟ୍।

# ଏଚ୍-୧ ବି ଭିସା ଉପରେ ଆମେରିକାର ପ୍ରସ୍ତାବିତ ପଦକ୍ଷେପକୁ ଭାରତ କରୁଛି ଅଧ୍ୟୟନ




ନୂଆଦିଲ୍ଲୀ, ୨୦।୯

ଏଚ୍-୧ ବି ଭିସା ଉପରେ ପ୍ରସ୍ତାବିତ ଆମେରିକାର କଟକଣା ସମ୍ପର୍କରେ ରିପୋର୍ଟକୁ ଭାରତ ସରକାର ସଂଜ୍ଞାନ ନେଇଛନ୍ତି। ସରକାରଙ୍କ ଅନୁଯାୟୀ, ଏହି ପଦକ୍ଷେପର ସମସ୍ତ ଦିଗ ଅଧ୍ୟୟନ କରାଯାଉଛି। ଦୁଇ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ଅର୍ଥନୈତିକ ଏବଂ ସାମାଜିକ ସହଭାଗିତା ପାଇଁ ଦକ୍ଷ ପ୍ରତିଭାଙ୍କ ଆଦାନପ୍ରଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବିକ ପ୍ରଭାବକୁ ଦୃଷ୍ଟିରେ ରଖି, ଭାରତ ଆମେରିକୀୟ ଅଧିକାରୀଙ୍କଠାରୁ ସମାଧାନ ପାଇଁ ଆଶା ପ୍ରକାଶ କରିଛି। ଶନିବାର ଏକ ବିବୃତିରେ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଭାରତୀୟ ଶିଳ୍ପ ସମେତ ସମସ୍ତ ଅଂଶୀଦାରଙ୍କ ଦ୍ୱାରା ଏକ ବ୍ୟାପକ ଅଧ୍ୟୟନ କରାଯାଉଛି। ଭାରତ ଏବଂ ଆମେରିକା ଉଭୟ ଶିଳ୍ପରେ ନବସୃଜନ ଏବଂ ସୃଜନଶୀଳତାରେ ସମାନ ଅଂଶୀଦାର ଅଛନ୍ତି ଏବଂ ଆଗକୁ ବଢ଼ିବାର ପଥ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିପାରିବେ। ମନ୍ତ୍ରଣାଳୟ ଅନୁଯାୟୀ, ଦକ୍ଷ ପ୍ରତିଭାଙ୍କ ଗତିବିଧି ଏବଂ ଆଦାନପ୍ରଦାନ ଆମେରିକା ଏବଂ ଭାରତରେ ପ୍ରଯୁକ୍ତିବିଦ୍ୟା ବିକାଶ, ନବସୃଜନ, ଆର୍ଥିକ ଅଭିବୃଦ୍ଧି, ପ୍ରତିଯୋଗିତାମୂଳକତା (ପୃଷ୍ଠା ୭ରେ)

# ଅଭିନେତା ମୋହନଲାଲ ପାଇବେ ଦାଦାସାହେବ ଫାଲକେ ପୁରସ୍କାର

ନୂଆଦିଲ୍ଲୀ, ୨୦।୯

ଭାରତୀୟ ସିନେମାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ମୋହନଲାଲଙ୍କୁ ପ୍ରତିଷ୍ଠିତ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯିବ। ସେପ୍ଟେମ୍ବର ୨୩ରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ ହେବା ପାଇଁ ଅଭିନେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ତାଙ୍କର ସଫଳତା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ସୂଚନା ଏବଂ



ପ୍ରସାରଣ ମନ୍ତ୍ରଣାଳୟ ଶନିବାର ଏକ ଏକ୍ସ–ପୋଷ୍ଟରେ କହିଛି ଯେ, ଦାଦାସାହେବ ଫାଲକେ ପୁରସ୍କାର ଚୟନ କମିଟିର ସୁପାରିସ ଅନୁଯାୟୀ, ଭାରତ ସରକାର ଘୋଷଣା କରି ଖୁସି ହେଉଛି ଯେ ମୋହନଲାଲଙ୍କୁ ୨୦୨୩ ମସିହାର ପ୍ରତିଷ୍ଠିତ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ (ପୃଷ୍ଠା ୭ରେ)

ପ୍ରଭାତୀୟ ସମ୍ବାଦ କଳିକା
31 YEARS

# ଭାରତର ୮୬% କର୍ମଚାରୀ ଗରିବ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି। ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି। ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି। ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି। ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି। କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି। ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି। ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ। ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି। ଏହି ହାର କିନ୍ତୁ ସବୁଠୁ କମ୍ ରହିଛି। ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି। ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ିହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି। ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ। ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି। ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି। ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି। ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି।

# ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ପର୍ବ 'ମହାଳୟା'



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ-ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ଇଶ୍ୱରଙ୍କ ସୃଷ୍ଟିରେ ଆତଜାତ ପ୍ରତ୍ୟେକ ସଜୀବ, ଜୀବନ କାଳରେ ଦୁଇଟି ନିଶ୍ଚିତ ସତ୍ୟକୁ ସାମ୍ନା କରନ୍ତି ଗୋଟିଏ ହେଉଛି ଜନ୍ମ ଓ ଅନ୍ୟଟି ହେଉଛି ମୃତ୍ୟୁ। ଅର୍ଥାତ ମୃତ୍ୟୁ ହିଁ ଗୋଟିଏ ଜୀବନ ଅନ୍ତ ଘଟାଏ। ସେଥିପାଇଁ ପୁରାଣରେ କୁହାଯାଉଛି ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ, ଏହା ଶାଶ୍ୱତ ଚିରନ୍ତନ। ସମୟର ଗତାନୁଗତି ଓ କ୍ରମପରିବର୍ତ୍ତିତ ସ୍ରୋତରେ ଅନେକ ପିଢି ଏଗୁଡ଼ିକୁ ସାମ୍ନା କରି ଇହଧାମ ତ୍ୟାଗ କରିସାରିଲାଣି । ଆମକୁ ମନେ ରଖିବାକୁ ପଡିବ ଯେ ଆମେ ହେଉଛୁ ସେହି ପିଢି ବା ବଂଶର ଦାୟାଦ ବା ଉତ୍ତରାଧିକାରୀ । ପୂର୍ବଜ ମାନଙ୍କ ଅନେକ କଷ୍ଟ, ଆଦର୍ଶ ଓ ତ୍ୟାଗ ଆମକୁ ସମାଜରେ ତିଷ୍ଠି ରହିବା ପାଇଁ ଅନେକ ପ୍ରେରଣା ଦେଇଥାଏ। ତେଣୁ କୃତଜ୍ଞତା ସ୍ୱରୂପ ଆମେ ସେହି ପୂର୍ବଜ ମାନଙ୍କୁ ଶ୍ରଦ୍ଧା ଓ ବିନୟ ମାଧ୍ୟମରେ ସେମାନଙ୍କୁ ସ୍ମରଣ କରିବା ଏକ ଆଦର୍ଶ ମାନବିକତାର ପରିଚୟ। ସନ୍ତାନ ମାନଙ୍କ ପ୍ରତି 'ପିତା'ଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ 'ମାତା'ଙ୍କ ମମତା ସର୍ବଦା ଅତୁଳନୀୟ । ସୁତରାଂ ଜୀବିତ ଅବସ୍ଥାରେ ସେମାନଙ୍କ ପ୍ରତି ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଭଲପାଇବା ଏକାନ୍ତ କାମ୍ୟ। ସେମାନଙ୍କ ଅବର୍ତ୍ତମାନରେ ମଧ୍ୟ ଆମେ ସେମାନଙ୍କୁ ଯଥାସାଧ୍ୟ ଶ୍ରଦ୍ଧା ଓ ସୁମନ ଅର୍ପଣ କରିବା ସହିତ ସେମାଙ୍କ ସ୍ୱରୂପ ଙ୍କୁ ସ୍ମରଣ କଲେ ଅନେକ ଦୁଃଖ କଷ୍ଟ ହରିଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମହାଭାରତ ସମୟର କଥା,ଏକଦା ଯକ୍ଷଙ୍କ ଏକ ଜଟିଳ ପ୍ରଶ୍ନର ଉତ୍ତର, ଧର୍ମରାଜ ଯୁଧିଷ୍ଠିର ଅତି ଚତୁରତାର ସହ ନିଭାଇଥିଲେ ଯାହା ସମଗ୍ର ମନୁଷ୍ୟ ସମାଜ ପାଇଁ ଏକ ପଥପ୍ରଦର୍ଶକ । ଯକ୍ଷଙ୍କ ଏକ ପ୍ରଶ୍ନ– ପୃଥିବୀ ଠାରୁ ବଡ଼ କିଏ ? ଉତ୍ତର ଥିଲା "ମାତା", ପରବର୍ତ୍ତୀ ପ୍ରଶ୍ନ – ଆକାଶ ଠାରୁ ବଡ଼ କିଏ ? ଉତ୍ତରଟି ଥିଲା "ବାପା", ଅନ୍ୟ ଏକ ଜଟିଳ ପ୍ରଶ୍ନ– ସଂସାରରେ ସବୁଠାରୁ ସୁଖୀ ମଣିଷ ଜଣକ କିଏ ? ଧର୍ମରାଜ ଯୁଧିଷ୍ଠିରଙ୍କ ସ୍ପଷ୍ଟ ଉତ୍ତର ଥିଲା "ଋଣ ମୁକ୍ତ ଲୋକଟି ସଂସାରରେ ସବୁଠାରୁ ସୁଖୀ ଲୋକ । ଜୀବନ କାଳ ମଧ୍ୟରେ ଆମେ କେତେକ ଋଣ ଭାର ବହନ କରିଥାଉ ତନ୍ମଧ୍ୟରୁ ଦେବଋଣ, ଋଷିଋଣ, ପିତୃଋଣ, ଗୁରୁଋଣ, ସାମାଜିକ ଦାୟିତ୍ୱ ବୋଧ ଋଣ ଓ ଅନ୍ୟାନ୍ୟ ଆର୍ଥିକ ଋଣ ଯେକୌଣସି ଉତ୍ସରୁ ହୋଇପାରେ । ଦେବତାଙ୍କ ଦିବ୍ୟଚେତନା ଦ୍ୱାରା ଶିଶୁଟି ପ୍ରଥମେ ଭୂମିଷ୍ଠ ହୋଇ କୁଆଁ କୁଆଁ ଡାକି ମାନବବାଦର ସଂକେତ ପ୍ରଦାନ କରିଥାଏ। ତେଣୁ ପ୍ରଥମେ ଦେବତା ମାନଙ୍କ ପାଖରେ ଋଣୀ । ପରେ ପରେ ବଂଶର ଗୋତ୍ର ଅନୁଯାୟୀ ବିଭିନ୍ନ ଋଷିଙ୍କ ଦିବ୍ୟ ଚେତନା ବଳରେ ଆମର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଜୀବନରେ ଅନେକ ସମସ୍ୟାକୁ ସାମ୍ନା କରିଥାଏ, ସେଥିପାଇଁ ସେ ଋଷିଙ୍କ ପାଖରେ ଋଣୀ । ଯେଉଁ ଦୁଇ ଜଣଙ୍କ ପାଇଁ ଶିଶୁ ଦୁନିଆ ଦେଖେ ସେମାନେ ହେଉଛନ୍ତି ତା'ର "ପିତା ଓ ମାତା" ତେଣୁ ତାଙ୍କ ପାଖରେ ସେ ସର୍ବଦା ଋଣୀ। ଶିକ୍ଷା ଗୁରୁ ହିସାବରେ ଆମର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଖରେ ଆମେ ଋଣୀ, ସାମାଜିକ ପ୍ରାଣୀ ହେତୁ ସାମାଜିକ ଦାୟିତ୍ୱବୋଧ ପାଇଁ ସମାଜ ପାଖରେ ଋଣୀ, ଶେଷରେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟାନ୍ୟ ଉତ୍ସରୁ କରିଥିବା ଆର୍ଥିକ ଋଣ ଲାଗି ଆମେ କୌଣସି ବ୍ୟକ୍ତି ବିଶେଷ ଓ ସଂସ୍ଥା ମାନଙ୍କ ପାଖରେ ଋଣୀ । ଏହି ପରିପେକ୍ଷିରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଙ୍କ ଭାଷାରେ " ସାମାଜ ମୋତେ କରିଛି ବଡ, ଶୁଝିବି ଋଣ ନ ହୋଇ ଜଡ" ଅର୍ଥାତ ଜୀବିତ ଅବସ୍ଥା ନିଜ ସାମର୍ଥ ମୁତାବ ସାହାଯ୍ୟ, ସହଯୋଗ ନିଜର ସାମାଜିକ ଦାୟିତ୍ୱ ବୋଧ ଋଣ ପରିଶୋଧ କରିବାରେ ବେଶେଷ ସହାୟକ ହେବ । ତେଣୁ ଆମେ ଏ ସମସ୍ତଙ୍କ ପାଖରେ କୃତଜ୍ଞ ହୋଇ ଜୀବ ଦଶା ମଧ୍ୟରେ ଯଥା ସମ୍ଭବ ଋଣ ପରିଶୋଧ କରିବା ହେବ ଏକ ମହନୀୟ କାର୍ଯ୍ୟ । ଏବେ ଆସିବା ମୂଳ କଥାକୁ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ଏକ ଗତାନୁଗତିକ ପ୍ରକ୍ରିୟା ବୋଲି ବିଶ୍ୱାସ କରାଯାଏ । ଜୀବାତ୍ମାର ମୃତ୍ୟୁ ନାହିଁ,ଏହା ଗୋଟିଏ ଶରୀରରୁ ଚାଲିଗଲେ ତାହା ପ୍ରାର୍ଥୀବ ଶରୀରରେ ପରିବର୍ତ୍ତିତ ହୋଇ ପଞ୍ଚଭୂତ ରେ ଲୀନ ହୋଇଯାଏ, ସେତେବେଳେ ଉକ୍ତ ଆତ୍ମା ଈଶ୍ୱର ଙ୍କ ନିକଟରେ ଆଶ୍ରୟ ନେଇ ଥାଏ । ଈଶ୍ୱର ପୁନଶ୍ଚ ଜୀବାତ୍ମା ର କର୍ମ କୁ ତର୍ଜମା କରି ଆଉ ଏକ ଜୀବାତ୍ମା ରେ ପ୍ରବେଶ କରାଇ ଅନ୍ୟ ଏକ କର୍ମର ଅୟମାରମ୍ଭ କରିଥାନ୍ତି, ଯାହାକୁ ପୁନର୍ଜନ୍ମ ବୋଲି କୁହାଯାଏ। ଏପରି ଏକ ଘଟଣା କ୍ରମେ, ମହାଦାନୀ କର୍ଣ୍ଣଙ୍କ ମହାପରାୟଣ ପରେ ତାଙ୍କର ସମସ୍ତ କର୍ମର ତର୍ଜମା କରି ତାଙ୍କୁ ଖାଦ୍ୟ ଗ୍ରହଣ ପାଇଁ ଅନେକ ସ୍ୱର୍ଣ୍ଣ,ହୀରା ଓ ରୌପ୍ୟ ଆଦି ଅଳଙ୍କାର ଦିଆ ଯାଇଥିଲା ଯାହା କର୍ଣ୍ଣଙ୍କୁ ଆଚମ୍ଭିତ କରିଥିଲା, ତାଙ୍କର ଦାନ କାର୍ଯ୍ୟର ତର୍ଜମାରେ ଜଣାଗଲା ଯେ ଜୀବାବସ୍ଥାରେ ସେ କାହାକୁ ଅନ୍ନ ଦାନ କରିନଥିଲେ ସେଥିପାଇଁ ତାଙ୍କୁ ଭକ୍ଷଣ ନିମନ୍ତେ ଅନ୍ନ ପରିବର୍ତ୍ତେ ସୁନା, ରୂପା ଅଳଙ୍କାର ମାନ ଦିଆ ଯାଇଥିଲା । ଦେବରାଜ ଇନ୍ଦ୍ରଙ୍କ ପରାମର୍ଶ ଅନୁଯାୟୀ ଦାନବୀର କର୍ଣ୍ଣଙ୍କୁ ପନ୍ଦର ଦିନ ପାଇଁ ପୁନର୍ବାର ମର୍ତ୍ତ୍ୟକୁ ପଠା ଯାଇଥିଲା ଯାହାକୁ ପିତୃ ପକ୍ଷ ବୋଲି କୁହାଯାଏ। ତଦନୁଯାୟୀ କର୍ଣ୍ଣ ମର୍ତ୍ତ୍ୟକୁ ଆସି ନିଜ ଆତ୍ମୀୟ ଓ ଅନ୍ୟ ମାନକୁ ଅନ୍ନ ଦାନରେ ଆପ୍ୟାୟିତ କରି ସ୍ୱର୍ଗାରୋହଣ କରିଥିଲେ । ବିଶ୍ୱାସ କରାଯାଏ ମୃତାତ୍ମାମାନେ ଏହି ପକ୍ଷରେ ନିଜର ଆତ୍ମୀୟଙ୍କ ଶ୍ରଦ୍ଧା ଓ ତିଳ ତର୍ପଣ ଦ୍ୱାରା ତୃପ୍ତି ଲାଭ ନିମନ୍ତେ ଆଶା ରଖିଥାନ୍ତି । ସେଥିପାଇଁ ଆମେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରି 'ଶ୍ରାଦ୍ଧ' ମାଧ୍ୟମରେ ଆବାହନ କରୁ । ଅତଏବ 'ଶ୍ରାଦ୍ଧ' ହେଉଛି ପିତୃପୁରୁଷଙ୍କ ପ୍ରତି ଆମର ଶ୍ରଦ୍ଧା ଓ ଭଲପାଇବାର ସନ୍ଦେଶ । ହିନ୍ଦୁ ପରମ୍ପରାରେ ଦିବଂଗତ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ବର୍ଷର ବିଭିନ୍ନ ତିଥି ( ମୃତ୍ୟୁ ଦିବସ ଅନୁଯାୟୀ) ଶ୍ରାଦ୍ଧ କର୍ମ କରାଯାଏ । ସେଥି ମଧ୍ୟରୁ "ମହାଳୟା ଶ୍ରାଦ୍ଧ" ଅନ୍ୟତମ । ଏହା ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ଅମାବାସ୍ୟାରେ ସମାପ୍ତ ହୁଏ । ଜ୍ୟୋତିଷ ଶାସ୍ତ୍ର ମତରେ ସୂର୍ଯ୍ୟ କନ୍ୟା ରାଶିକୁ ଗମନ କଲା ବେଳେ ଯେଉଁ ଅମାବାସ୍ୟା ପଡେ ତାହାକୁ ମହାଳୟା ଅମାବାସ୍ୟା କୁହାଯାଏ । ମହାଳୟାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ପିଣ୍ଡ ଦାତାଙ୍କ ଆଳୟରେ ସର୍ବ ଦେବ ଋଷି ଓ ପିତୃ ପୁରୁଷଙ୍କୁ ଆବାହନ କରାଯାଉଥିବାରୁ ଏହାକୁ ମହାଳୟା ନାମରେ ନାମିତ କରାଯାଇଛି । ଅନ୍ୟ ଏକ ଲୋକ କଥା ଅନୁଯାୟୀ, ଯମ ରାଜା ପିତୃ ଲୋକବାସୀଙ୍କୁ ଏହି ସମୟରେ ମର୍ତ୍ତ୍ୟ ଲୋକକୁ ବିଚରଣ ପାଇଁ ଅନୁମତି ଦେଇଥାନ୍ତି । ଫଳରେ ପିତୃପୁରୁଷ ମାନେ ମହା ଆନନ୍ଦରେ ନିଜ ନିଜ ଆଳୟକୁ ବୁଲିବାକୁ ଆସୁ ଥିବାରୁ ଆମେ ଏହାକୁ ପିତୃପକ୍ଷ ବା ଅପରପକ୍ଷ ବୋଲି ନାମିତ କରିଛୁ । ଏହି ପନ୍ଦର ଦିନର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କର ଦିବଂଗତ ଆତ୍ମୀୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ନିମିତ୍ତ ତର୍ପଣ ବିଧି ରୀତିନୀତି କରନ୍ତି । ଏହି ରୀତିନୀତି ସେମାନଙ୍କ ଆତ୍ମାକୁ ସନ୍ତୁଷ୍ଟ କରିବାରେ ସାହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ। ଏହି ଶ୍ରଦ୍ଧାସୁମନକୁ ଅଧିକ ଭବୋଦ୍ଦୀପକ କରି, ଦିବଂଗତଙ୍କୁ ଭକ୍ତି ପ୍ରଦାନ ନିମିତ୍ତ ବ୍ରାହ୍ମଣ ମାନେ ପ୍ରତ୍ୟହ ଜଳାଶୟରେ ପ୍ରାତଃ ତିଳ ତର୍ପଣରେ ଆପ୍ୟାୟିତ କରନ୍ତି । ଏଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଗନ୍ଧର୍ବଗଣ, ଦେବଗଣ, ପୁରାଣାଚାର୍ଯ୍ୟ, ସାବାୟବ, ନାଗଗଣ, ଯକ୍ଷ, ଭକ୍ଷ,ସାଗର, ପର୍ବତ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଓ ପୃଥିବୀ ଆଦି କୋଟିଏ ଦେବତାଙ୍କୁ ଗୋଟିଏ ଗୋଟିଏ ଥର, ସାତଋଷି, ସନକ, ସନନ୍ଦ, ସନାତନ କପିଳ, ଆସୁରୀ, ବୋଢୁ ଓ ପଞ୍ଚଶିଖଙ୍କୁ ଦୁଇ ଥର ଓ ପିତୃପୁରୁଷଙ୍କୁ ( ଉଭୟ ପିତା ଓ ମାତା ଙ୍କର ତିନି ପୁରୁଷ )ଙ୍କୁ ତିନିଥର ଜଳ ଅର୍ପଣ କରାଯାଏ। ପିତୃ ତର୍ପଣ ରେ ପିତାଙ୍କୁ ରୁଦ୍ର, ପିତାମହଙ୍କୁ ବସୁ ରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରଯାଇ ଶ୍ରଦ୍ଧା ସ୍ୱରୂପ ତିଳ ତର୍ପଣ ରେ ଆପ୍ୟାୟିତ କରାଯାଏ। ପରେ ପରେ ବୈଷଦେବ ବିଧିରେ ଜ୍ୟେଷ୍ଠ ବୋହୂ ରାନ୍ଧିଥିବା ସ୍ୱାଦିଷ୍ଟ ଅନ୍ନ ଦାନ କରି ଗୋଟିଏ ଦିନର ତର୍ପଣ ବିଧି ସମାପ୍ତ କରାଯାଏ। ଏହି ପନ୍ଦର ଦିନ ଘରର ଜ୍ୟେଷ୍ଠ ପୁଅ ବୋହୂ କେତେକ ନିତ୍ୟ କାର୍ଯ୍ୟରୁ ବିରତ ହୁଅନ୍ତି । ଏହା ପଛରେ ଥିବା ଯୁକ୍ତି ସଂଗତ କଥାଟି ହେଉଛି ଦିବଂଗତଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିବାରେ ଏକାଗ୍ରତା ବଢାଇବା। ପ୍ରଥା ଅନୁଯାୟୀ ଏହି ପନ୍ଦର ଦିନ ମଧ୍ୟରେ ମୃତ ବ୍ୟକ୍ତିଙ୍କ(ମୃତ୍ୟୁ ଦିବସର) ତିଥୀ ଦିନ ଆମେ ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ। କୌଣସି କାରଣ ବଶତଃ ଏଥିରୁ ବଞ୍ଚିତ ହେଲେ ଆମେ ଶେଷ ଦିନ ଅର୍ଥାତ୍ ମହାଳୟାରେ ସେହି ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ। ପୁନଶ୍ଚ କୌଣସି କାରଣ ପାଇଁ ଏଥିରୁ ବିରତ ହେଲେ ବର୍ଷର ଅନ୍ତିମ ସୁଯୋଗ ଅନୁଯାୟୀ କାର୍ତ୍ତିକ ମାସ ଦୀପାବଳି ଅମାବାସ୍ୟାରେ ପୟାଶ୍ରାଦ୍ଧ ଅର୍ପଣ କରିଥାଉ। ଏହା ଦିବଂଗତ ପିତୃପୁରୁଷଙ୍କ ତ୍ୟାଗର ପ୍ରତିଦାନ ପାଇଁ ଆମର ଶ୍ରଦ୍ଧା ସୁମନ। ଏହି ସମୟ ରେ ମର୍ତ୍ତ୍ୟବାସୀ ମାନେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ପୂର୍ବକ ଶ୍ରାଦ୍ଧ ଅର୍ପଣ ନିମନ୍ତେ ପ୍ରୟାଗରାଜରେ ପ୍ରବାହିତ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରି 'ଗୟା'ରେ ଅନ୍ତିମ ଶ୍ରାଦ୍ଧ ଦେଇ ଅସ୍ଥି ବିସର୍ଜନ କଲେ ଦିବଂଗତ ପିତୃ ଲୋକ ମାନେ ପୁନର୍ଜନ୍ମ ରୁ ମୁକ୍ତି ଲାଭ କରନ୍ତି ବୋଲି ବିଶ୍ୱାସ କରାଯାଏ। କେହି କେହି ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଉଥିବା ଶ୍ରୀମନ୍ଦିର ସନ୍ନିକଟସ୍ଥ ପବିତ୍ର ପୁଷ୍କରିଣୀ ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଓ ନରେନ୍ଦ୍ରରେ ମଧ୍ୟ ତିଳ, ତର୍ପଣ ଓ ପିଣ୍ଡଦାନ କରି ମହୋଦଧିରେ ଅସ୍ଥି ବିସର୍ଜନ କରି ଦିବଂଗତ ଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ଉତ୍ତରପିଢିଙ୍କ ସକଳ ଉନ୍ନତି କାମନା କରନ୍ତି। ଏଥିପାଇଁ ଅନ୍ୟ ଏକ ପବିତ୍ର ତୀର୍ଥ କ୍ଷେତ୍ର ଯାଜପୁରସ୍ଥିତ ମା ବିରଜାଙ୍କ ମନ୍ଦିରରେ ଥିବା ନାଭିଗୟାରେ ଅସ୍ଥି ବିସର୍ଜନ କରି ପୁଣ୍ୟଲାଭ କରନ୍ତି। ପୁରାଣ ଶାସ୍ତ୍ର ଅନୁସାରେ ଯଦି ପିତୃପୁରୁଷ ମାନେ ଶ୍ରଦ୍ଧାରେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେମାନେ ସ୍ୱାସ୍ଥ୍ୟ, ଧନ, ଜ୍ଞାନ ଓ ଦୀର୍ଘାୟୁ ଭଳି ଅଖଣ୍ଡ ଆଶୀର୍ବାଦ ପ୍ରଦାନ କରନ୍ତି ବୋଲି ବିଶ୍ୱାସ କରାଯାଏ। ବର୍ତ୍ତମାନ ଦେଖାଯାଉଛି ଜୀବିତ ଅବସ୍ଥାରେ ନିଜର ଜନ୍ମିତ ପିଲାମାନେ ବାପା ଓ ମା'ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାର ଢେର କାର୍ପଣ୍ୟ ଦେଖାଉଛନ୍ତି । ପରିଣତ ବୟସରେ ବୃଦ୍ଧ 'ପିତା ମାତା' ବେସାହାରା ହୋଇ ବୃଦ୍ଧାଶ୍ରମରେ ଶେଷ ସମୟ ବିତାଉଛନ୍ତି,ଏହାଠାରୁ ପରିତାପର ବିଷୟ କଣ ହୋଇପାରେ ? ଆମକୁ ଥରେ ଭାବିବାକୁ ପଡିବ ଯେ, ଯାହାଙ୍କ ପ୍ରତି ଆମେ ଏତେ ନିଷ୍ଠୁର ହେଉଛେ ଆମକୁ ଦିନେ ନା ଦିନେ ସେହି ବୟସ କୁ ସାମ୍ନା କରିବାକୁ ପଡିବ । ସୁତରାଂ ଜୀବିତ ଅବସ୍ଥା ରେ ନିଜର ପିତା, ମାତା, ଆତ୍ମୀୟ ସ୍ୱଜନ ଓ ଅନ୍ୟମାନଙ୍କ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେବା ସହିତ ତାଙ୍କ ମୁହଁରେ ହସ ଫୁଟାଇବାକୁ ସଂକଳ୍ପ ବଦ୍ଧ ହେବା । ବର୍ତ୍ତମାନର ବସ୍ତୁବାଦୀ ଦୁନିଆ ଓ ସଙ୍କୁଚିତ ପରମ୍ପରାରେ ବିସ୍ତାରିତ ଶ୍ରଦ୍ଧା ହିଁ ହେଉ ପ୍ରକୃତ ମହାଳୟା ପର୍ବର ଆଭିମୁଖ୍ୟ।

# 'ମାଆ ଦୁର୍ଗାଙ୍କର ମୁଖ୍ୟ ସ୍ୱରୂପ ଓ ତା'ର ବିଶ୍ଳେଷଣ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଆକାଶରେ ଏବେ ଠାଏ ଠାଏ ବାଦଲର ମେଳା। ନଈ ପଠାରେ କାଶତଣ୍ଡୀର ସମ୍ଭାର ଆଉ ଠିକ୍ ଏହି ସମୟରେ ଧରାକୁ ଅବତରଣ କରନ୍ତି ମାଆ ଜଗତଜନନୀ ମାଆ ଦୁର୍ଗା। ମାଆ ଦୁର୍ଗା ହେଉଛନ୍ତି ସୁରକ୍ଷା, ଶକ୍ତି, ମାତୃତ୍ୱ, ବିନାଶ ଏବଂ ଯୁଦ୍ଧ ସହ ଜଡ଼ିତ। ତାଙ୍କର କିମ୍ବଦନ୍ତୀ ଶାନ୍ତି, ସମୃଦ୍ଧି ଏବଂ ଧର୍ମପ୍ରତି ବିପଦ ସୃଷ୍ଟି କରୁଥିବା ମନ୍ଦ ଏବଂ ଭୂତ ଶକ୍ତିର ମୁକାବିଲା ସମ୍ବନ୍ଧିତ । ମାଆ ଦୁର୍ଗା ନିର୍ଯାତିତଙ୍କ ମୁକ୍ତି ପାଇଁ ଦୁଷ୍ଟମାନଙ୍କ ବିରୁଦ୍ଧରେ ନିଜର ଦିବ୍ୟ କ୍ରୋଧ ପ୍ରକାଶ କରୁଥିବା ଏବଂ ସୃଷ୍ଟିକୁ ସଶକ୍ତ କରିବା ପାଇଁ ଆସନ୍ତି ଏହି ଆଶ୍ୱିନ ମାସରେ ଧରା ପୃଷ୍ଠକୁ । ଦୁର୍ଗା ଶବ୍ଦର ବିବିଧ ବିଶ୍ଳେଷଣ କରାଯାଇଛି । ସେଥିରୁ ଗୋଟିଏ ହେଉଛି ଦ୍+ଉ+ର+ର୍ଗ+ଆ । 'ଦ'ର ଅର୍ଥ ଦୈତ୍ୟ ବିନାଶ ପାଇଁଯିଏ ଉଦ୍ଦିଷ୍ଟ, ଉ- ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, ର- ସମସ୍ତ ରୋଗର ଯିଏ ବିନାଶକାରୀ, ଗ- ସକଳ ପାପର ଯିଏ କ୍ଷୟକାରୀ, ଆ- ସମସ୍ତ ଭୟର ଯେ ହରଣକାରୀ । ଅନ୍ୟ ଏକ ଶାବ୍ଦିକ ବିଶ୍ଳେଷଣ ହେଉଛି ଦୁର୍ଗ+ଆ। ଦୁର୍ଗର ଅର୍ଥ ବିପଦ ବା ଦୁର୍ଗତି, ଆ ଅର୍ଥ ନଷ୍ଟ କରିବା । ମହିଷାସୁରମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣ୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ। ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତ୍ରସ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ।

ଆସନ୍ତୁ ଜାଣିବା ମାଆଙ୍କ ରୂପ ବିଷୟରେ। ପ୍ରଥମେ ମା' କାତ୍ୟାୟନୀଙ୍କ ରୂପକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ବାମନ ପୁରାଣ ଅନୁଯାୟୀ ମହିଷାସୁରର ଅତ୍ୟାଚାରରେ କ୍ଷୁବ୍ଧ ହୋଇ ସମଗ୍ର ଦେବଗଣ କ୍ରୋଧରେ ପ୍ରଜ୍ୱଳିତ ହେଲେ । ବ୍ରହ୍ମା, ବିଷ୍ଣୁ, ଶିବ ଆଦି ଦେବଗଣଙ୍କ ସମ୍ମିଳିତ କ୍ରୋଧ ଏକ ତେଜୋମୟ ରୂପ ଧାରଣ କଲା । ସେହି କ୍ରୋଧପୁଞ୍ଜ କାତ୍ୟାୟନ ଋଷିଙ୍କ ଆଶ୍ରମ ଉପରେ ପର୍ବତ ଆକାରରେ ବ୍ୟାପ୍ତ ହେବାକୁ ଲାଗିଲା । ସେଥିରେ କାତ୍ୟାୟନଙ୍କ ବ୍ରହ୍ମତେଜ ମିଳିତ ହେବାରୁ ଦେବତାଙ୍କ ତେଜକୁ ଦ୍ୱିଗୁଣିତ କଲା । ସେହି ତେଜପୁଞ୍ଜରୁ ଏକ ଦିବ୍ୟ ଅଙ୍ଗସୌଷ୍ଠବ ବିଶିଷ୍ଟ ନାରୀ ଆବିର୍ଭୂତ ହେଲେ । କାତ୍ୟାୟନ ଋଷିଙ୍କ ଆଶ୍ରମର ଉପରିଭାଗରୁ ଉତ୍ପତ୍ତି ହୋଇଥିବାରୁ ତାଙ୍କ ନାମ 'କାତ୍ୟାୟନୀ' । ତାପରେ ମା ଦୁର୍ଗାଙ୍କ ସ୍ୱରୂପ କଥା କହିଲେ ଜଣାଯାଏ ଯେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର (ମହିଷ ଆକୃତି ଥିବା ଏକ ରାକ୍ଷସ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅତ୍ୟାଚାର କଲା, ଫଳରେ ଦେବଗଣ ଭୀତଗ୍ରସ୍ତ ହୋଇ ବ୍ରହ୍ମାଙ୍କ ନିକଟରେ ନିଜର ଦୁଃଖ ଜଣାଇଲେ। ସର୍ବସମ୍ମତି ପରେ ବ୍ରହ୍ମା ଓ ଶିବ ଦେବତାମାନଙ୍କୁ ନେଇ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହୋଇ ଦେବଗଣଙ୍କ ଦୁର୍ଦ୍ଦଶା ଜଣାଇଲେ । ଦେବତାମାନଙ୍କର ଦୁର୍ଦ୍ଦଶା ଶୁଣି ଉଭୟ ବିଷ୍ଣୁ ଓ ଶିବ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ ଏବଂ କ୍ରୋଧରେ ଉଭୟଙ୍କ ମୁଖ ମଣ୍ଡଳ ଲାଲ୍ ହୋଇଗଲା । ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ଭ୍ରୂକୁଟୀ କୁଟିଳ ହେବାରୁ, ସେହି ତିନିଦେବତାଙ୍କ ମୁଖରୁ ଗୋଟିଏ କଳାନଳ ସଦୃଶ ତେଜ ପ୍ରକାଶ ହେଲା । ତତ୍ ସହିତ ଇନ୍ଦ୍ର ଓ ସମଗ୍ର ଦେବଗଣଙ୍କ ମୁଖରୁ ମଧ୍ୟ ତେଜ ନିର୍ଗତ ହେଲା। ସମସ୍ତ ତେଜ ଧିରେ ଧିରେ ଆକାଶରେ ସମ୍ମିଳିତ ହୋଇ ଏକାକାର ହୋଇଗଲା । ସେହି ତେଜରୁ ଅବିଳମ୍ବେ ଏକ ଦିବ୍ୟନାରୀ ରୂପରେ ପରିବର୍ତ୍ତିତ ହେଲା । ଶିବଙ୍କ ତେଜରେ ସେହି ଦିବ୍ୟନାରୀର ମୁଖ, ଯମଙ୍କ ତେଜରୁ କେଶ, ବିଷ୍ଣୁଙ୍କ ତେଜରୁ ଭୁଜ, ଚନ୍ଦ୍ରଙ୍କ ତେଜରୁ ଦୁଇସ୍ତନ, ଇନ୍ଦ୍ରଙ୍କ ତେଜରୁ ମଧ୍ୟଦେଶ, ବରୁଣଙ୍କ ତେଜରୁ ଜଙ୍ଘ ଓ ଉରୁ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଚରଣ, ସୂର୍ଯ୍ୟଙ୍କ ତେଜରୁ ଚରଣର ଆଙ୍ଗୁଠି, ବସୁଗଣଙ୍କ ତେଜରୁ ହସ୍ତର ଅଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ନବପ୍ରଜାପତିଙ୍କ ତେଜରୁ ଦନ୍ତାବଳୀ, ଅଗ୍ନିଙ୍କ ତେଜରୁ ତ୍ରିନେତ୍ର ସୃଷ୍ଟି ସମ୍ଭବ ହୋଇଥିଲା । ସନ୍ଧ୍ୟାଙ୍କ ତେଜରୁ ଭ୍ରୂକୁଟୀ, ପବନଙ୍କ ତେଜରୁ କର୍ଣ୍ଣ, ଅନ୍ୟାନ୍ୟ ଦେବତାଗଣ ଓ ବିଶ୍ୱକର୍ମାଙ୍କ ତେଜରୁ ଦେବୀଙ୍କର ସମଗ୍ର ଶରୀର ସୃଷ୍ଟି ହୋଇଥିଲା । ଦେବୀଙ୍କ ଦିବ୍ୟରୂପ ଦେଖି ଦେବତା ଗଣ ଭାବିଲେ ଯେ ଏ ନିଶ୍ଚୟ ଆମର ଦୁର୍ଗତି ନାଶ କରିବ । ତେଣୁ ସମଗ୍ର ଦେବତା ସେହି ଦିବ୍ୟନାରୀର ନାମ ରଖିଲେ 'ଦୁର୍ଗା' । ତା'ପରେ ଦେବଗଣ ନିଜ ନିଜର ଦିବ୍ୟାସ୍ତ୍ର ଦେବୀଦୁର୍ଗାଙ୍କୁ ପ୍ରଦାନ କଲେ । ପ୍ରଥମେ ଶିବ ନିଜର ତ୍ରିଶୂଳ ପ୍ରଦାନ କଲେ । ବିଷ୍ଣୁ ଚକ୍ର, ଅଗ୍ନି ଶକ୍ତି, ପବନ ଧନୁର୍ବାଣ, ଇନ୍ଦ୍ର ବଜ୍ର ଓ ଘଣ୍ଟା, ଯମରାଜ କାଳଦଣ୍ଡ, ବରୁଣ ପାଶ ଓ ଶଙ୍ଖ, ଦକ୍ଷ ପ୍ରଜାପତି ଅକ୍ଷମାଳା ଏବଂ ବ୍ରହ୍ମା ଦେବୀଙ୍କୁ କମଣ୍ଡଳୁ ପ୍ରଦାନ କଲେ । ଦେବୀଙ୍କର ସମଗ୍ର ଅବୟବ ପୂର୍ଣ୍ଣ ନହେବାରୁ, ସୂର୍ଯ୍ୟ ତାଙ୍କ ପ୍ରତି ଲୋମରେ କିରଣମାଳା ପୂର୍ଣ୍ଣ କରିଦେଲେ, ମହାକାଳ ଦେବୀଙ୍କୁ କାଳର ଲହଲହ ଜିହ୍ୱା ସଦୃଶ ଗୋଟିଏ ଖଡ୍‌ଗ ପ୍ରଦାନ କଲେ । କ୍ଷୀର ସମୁଦ୍ର ଦେବୀଙ୍କ ଶରୀରର ସୌନ୍ଦର୍ଯ୍ୟକୁ ବର୍ଦ୍ଧିତ କରାଇ ବସ୍ତ୍ର, ଉତ୍ତରୀୟ, ମୋତିମାଳା, ଚୂଡ଼ାମଣି, ଦିବ୍ୟକୁଣ୍ଡଳ ତଥା କଙ୍କଣ ପ୍ରଦାନ କଲେ। ଚନ୍ଦ୍ରମା ଦେବୀଙ୍କ ଦୁଇପାଦରେ ରୁଣ୍ଟୁଝୁଣ୍ଟୁ ପାହୁଡ, ବାହୁରେ ବାଜୁବନ୍ଧ, କଣ୍ଠରେ ଚାପସରୀ ଓ ଅଙ୍ଗୁଳିମାନଙ୍କରେ ରତ୍ନମୁଦ୍ରିକା ପିନ୍ଧାଇ ଦେଲେ । ବିଶ୍ୱକର୍ମା ଦେବୀଙ୍କୁ ଗୋଟିଏ ଅଭେଦ୍ୟ କବଚ ଓ ତୀକ୍ଷ୍ଣ ଧାରଯୁକ୍ତ ପରଶୁ, କୁବେର ଗୋଟିଏ ସୁନ୍ଦର ପାନପାତ୍ର, ଅନନ୍ତନାଗ ଗୋଟିଏ ମଣିଖଚିତ ନାଗହାର ପ୍ରଦାନ କଲେ । ପରିଶେଷରେ ହିମାଳୟ ଦେବୀଙ୍କ ବାହନ ରୂପେ ଏକ ସିଂହ ପ୍ରଦାନ କଲେ । ଦେବୀ ଦୁର୍ଗା ସିଂହ ଉପରେ ଆସୀନ ହେବା ମାତ୍ରେ ସମୁଦ୍ର ଏକ ପଦ୍ମମାଳା ଆଣି ତାଙ୍କ ଗଳାରେ ଲମ୍ବାଇ ଦେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ, ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ। ଯୁଦ୍ଧରେ ଦେବୀ ବିଡାଳାକ୍ଷ, ଅସିଲୋମା, ମହାହନୁ ଆଦି ମହିଷାସୁରର ଅନେକ ମୁଖ୍ୟ ସେନାପତିମାନଙ୍କୁ ବଧ କଲେ। ଅନ୍ତିମରେ ମହିଷାସୁର ନିଜର ମାୟାବୀ ଶକ୍ତିଦ୍ୱାରା ମହାମାୟାଙ୍କ ଉପରେ ଆକ୍ରମଣ କଲା, ଦେବୀ କ୍ଳାନ୍ତ ହୋଇପଡ଼ିବାରୁ ମହଦେବ ତାଙ୍କୁ ମଧୁ ପାନ କରିବାକୁ ଦେଇଥିଲେ। ଦେବୀ ପୁନଶ୍ଚ ଯୁଦ୍ଧରେ ନିମଗ୍ନା ହେଲେ। ଅନେକ ସମୟ ଯୁଦ୍ଧ କଳାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାହୁଏ। ତ୍ରେତା ଯୁଗରେ ରାବଣକୁ ପରାସ୍ତ କରିବାହେତୁ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ, ଏହା ଦେବତାମାନଙ୍କ ଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ । ଏହାପରେ ହେଉଛି ମା ଶତାକ୍ଷୀ ସ୍ୱରୂପ। ଦୁର୍ଗା ଦୁର୍ଗମ ଅସୁରକୁ ବିନାଶ କରିଥିଲେ । ହିରଣାକ୍ଷ ବଂଶରେ ଦୁର୍ଗମ ଦୈତ୍ୟ ଜନ୍ମ ହୋଇ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇଥିଲା। ଦୈତ୍ୟର ଆସୁରିକ ପ୍ରଭାବରେ ସଂସାରର ଧାର୍ମିକ କ୍ରିୟା ନଷ୍ଟ ହେଲା । ଦେବତାଙ୍କ ଯାଗଯଜ୍ଞାଦି ବନ୍ଦ ହେବାରୁ ମର୍ତ୍ତ୍ୟରେ ଏକଶତ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା । ସେ ସ୍ୱର୍ଗ ଅଧିକାର କଲା । ଦେବତାଗଣ ଦୁର୍ଗମର ଅତ୍ୟାଚାରରେ ଅତିଷ୍ଠ ହେଲେ । ଭୟରେ ସ୍ୱର୍ଗ ତ୍ୟାଗ କରି ହିମାଳୟ ପର୍ବତରେ ପହଞ୍ଚିଲେ ଏବଂ ଶକ୍ତିମୟୀ ଦେବୀଙ୍କୁ ସ୍ମରଣ କଲେ । ଦେବୀ ତତ୍କ୍ଷଣାତ ଆବିର୍ଭାବ ହେଲେ । ଦୈତ ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ପରିସ୍ଥିତି ଦେଖି କୃପାମୟୀ ମା'ଙ୍କ ଆଖିରେ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା। ବେଦନାକୁ ଧୋଇଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକାଶିତ ହେଲା ନେତ୍ର । ସେହି ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଲା, ସତେ ଯେପରି ହିମାଳୟ ବକ୍ଷରୁ ସ୍ରୋତସ୍ୱିନୀ ଗଙ୍ଗାର ପ୍ରବାହ । ମା'ଙ୍କ ନାମ ହେଲା 'ଶତାକ୍ଷୀ' । ଏହାପରେ ମା ଶାକମ୍ବରୀ। ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପନେଲା। ନଦୀ ସମୁଦ୍ରରେ ଜଳ ଭରିଗଲା । ବନସ୍ପତି ମଧ୍ୟ ତୃପ୍ତ ହେଲେ । ଏହି ସମୟରେ ଭଗବତୀ ସମସ୍ତଙ୍କୁ ନିଜ ହାତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପରଶିଲେ ଏବଂ ଖୁଆଇଲେ। ତୃଣଭୋଜୀ ପ୍ରାଣୀଙ୍କ ପାଇଁ ସୁନ୍ଦର ଘାସ ଏବଂ ଅନ୍ୟପ୍ରାଣୀମାନଙ୍କ ପାଇଁ ଉପଯୁକ୍ତ ଭୋଜନ ଦେଲେ । ନିଜ ଶରୀରରୁ ତାଙ୍କର ଉତ୍ପନ ହୋଇଥିଲା ଶାକ। ତେଣୁ ତାଙ୍କ ନାମ ହେଲା 'ଶାକମ୍ବରୀ' । ଏହିପରି ଭାବେ ମାଆ ଶକ୍ତି ଧରା ପୃଷ୍ଠକୁ ଆସିଥିଲେ ଧର୍ମର ସ୍ଥାପନା ପାଇଁ ଓ ଦୁଷ୍ଟଙ୍କ ସଂହାର ପାଇଁ।

# ପିତୃପକ୍ଷ ଶ୍ରାଦ୍ଧ ଓ ମହାଳୟା



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫; ଭୁବନେଶ୍ୱର
ଫୋନ୍ : ୮୨୪୯୬୫୦୪୧୪

ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ଉଦ୍ଦେଶ୍ୟରେ ମହାଳୟା ଅମାବାସ୍ୟାର ପ୍ରଥା ଅତ୍ୟନ୍ତ ପ୍ରାଚୀନ। କେହି କେହି ଏହାକୁ ପିତୃପକ୍ଷ ଶ୍ରାଦ୍ଧ ବୋଲି ମଧ୍ୟ କହିଥାଆନ୍ତି । ଆମେ ସମସ୍ତେ ଜାଣନ୍ତିଯେ, ଆତ୍ମାର କଦାଚିତ ବିନାଶ ହୁଏ ନାହିଁ। ଏହା ଏକ ମନଗଢା କଥା ନୁହେଁ, ଶାସ୍ତ୍ରାନୁମୋଦିତ ପ୍ରସଙ୍ଗ ଅଟେ ।

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ;

' ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି
ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ
ନ ଶୋଷୟତି ମାରୁତଃ ।'

(ଭାଗବତ ଦ୍ୱିତୀୟ ଅଧ୍ୟାୟ , ଶ୍ଳୋକ ସଂଖ୍ୟା –୨୩)

ଅର୍ଥାତ୍ ;

ଆତ୍ମା କୌଣସି ଅସ୍ତ୍ର ଶସ୍ତ୍ର ଦ୍ୱାରା ଖଣ୍ଡିତ ହୁଏନାହିଁ । ଆତ୍ମାକୁ ଅଗ୍ନି ମଧ୍ୟ ଦହନ କରିପାରେନାହିଁ । ପବନ ମଧ୍ୟ ଶୁଷ୍କ କରିପାରି ନଥାଏ । ଅତଏବ ଆତ୍ମା ଅମର ଅଟେ । ଏହା ଅଜୟ, ଅମର, ଅଚିନ୍ତ୍ୟ , ଅବ୍ୟକ୍ତ ଅଟେ । ଅର୍ଥାତ୍ ଆତ୍ମା ଗୋଟିଏ ସ୍ଥୂଳ ଶରୀର ତ୍ୟାଗ କଲାପରେ ଆଉଗୋଟିଏ ଶରୀରରେ ପ୍ରବେଶ କରିଥାଏ। ଯେମିତି ମଣିଷର ବସ୍ତ୍ର ପୁରୁଣା ହୋଇଗଲେ ବା ଚିରିଫାଟି ଗଲେ ଓ ସଂପୂର୍ଣ୍ଣ ନଷ୍ଟ ହେଇଗଲେ ଆମେ ଅନ୍ୟ ନୂତନ ବସ୍ତ୍ର କିଣିଆଣନ୍ତି, ସେହିପରି ଶରୀରରୁ ଜୀବ ଥରେ ଚାଲିଗଲେ ତାହା ଆଉ ଫେରେ ନାହିଁ । ଆମ୍ଭେମାନେ ବାସ୍ତବରେ ଏହି ଜୀବକୁ ହିଁ ଶ୍ରାଦ୍ଧ ଅର୍ପଣ କରିଥାଉ । ଜୀବ ଓ ଆତ୍ମା ଦୁଇଟି ଭିନ୍ନ କଥା ।

ମହାଳୟା ଅର୍ଥାତ୍ ମହାନ + ଆଳୟ , ଆଳୟ କହିଲେ ଗୃହକୁ ବୁଝାଇଥାଏ। ସେହିପରି ଶ୍ରଦ୍ଧା ଶବ୍ଦରୁ 'ଶ୍ରାଦ୍ଧ' ଶବ୍ଦର ଉତ୍ପନ୍ନ ହୋଇଛି । ପିତୃପୁରୁଷଙ୍କୁ ଶ୍ରଦ୍ଧା ଅର୍ପଣ ପୂର୍ବକ ସେମାନଙ୍କ ଅମର ଆତ୍ମାର ସଦଗତି ତଥା ସନ୍ତୁଷ୍ଟି ନିମନ୍ତେ ଶ୍ରାଦ୍ଧ ଅର୍ପଣ କରାଯାଇଥାଏ । ଭାଦ୍ରବ ମାସ ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ କୁହାଯାଏ । ଅର୍ଥାତ୍ କୃଷ୍ଣପକ୍ଷ ଅମାବାସ୍ୟାର ଅନ୍ତିମ ଦିବସରେ ଯେଉଁ ଶ୍ରାଦ୍ଧ ଦିଆଯାଇଥାଏ, ତାହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ। ଏହି ଶ୍ରାଦ୍ଧ ଅର୍ପଣ ଦ୍ୱାରା ପିତୃପୁରୁଷଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ ଓ ପରିବାରର ସର୍ବରିଷ୍ଟ ଖଣ୍ଡନ ହୋଇଥାଏ। ଏହିଦିନ ପିତୃକୁଳ ଓ ମାତୃକୁଳ ଉଭୟଙ୍କୁ ପିଣ୍ଡଦାନ କରାଯିବାର ବିଧି ରହିଛି। କଥାରେ ଅଛି :

' ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।'

ହିନ୍ଦୁ ଧର୍ମରେ ବର୍ଣ୍ଣନା ଅଛିଯେ, ପିତାମାତାଙ୍କର ପୂଜା ସର୍ବଶ୍ରେଷ୍ଠ ପୂଜା , ପିତାମାତାଙ୍କ ସେବା ହିଁ ଶ୍ରେଷ୍ଠ ସେବା । ସେଇଥିପାଇଁ ସେମାନଙ୍କର ଅବର୍ତ୍ତମାନରେ ସେ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନ କଲାପରେ ସେମାନଙ୍କୁ ଯେପରି ଆମେ ମନରୁ ପାଶୋରି ନଦେଉ , ନିଜ ପାଖରେ ସେମାନେ ଜୀବିତାବସ୍ଥାରେ ଯେଉଁଭଳି ଭାବରେ ଆମ ସହିତ ବସବାସ କରୁଥିଲେ, ସେହିଭଳି ଭାବରେ ତାଙ୍କ ସ୍ମରଣାର୍ଥେ ବା ତାଙ୍କରି ଉଦ୍ଦେଶ୍ୟରେ ଏଇ ପିତୃପକ୍ଷ/ ଅପରପକ୍ଷ ପାଳନ କରାଯାଇଥାଏ । ଏହିଦିନ ସେମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କରାଯାଏ । ଶ୍ରଦ୍ଧାରେ ଏହା ଅର୍ପିତ ହେଉଥିବାରୁ ଏହାକୁ 'ଶ୍ରାଦ୍ଧ' ବୋଲି କୁହାଯାଏ।

ମହାନ + ଆଳୟ = ମହାଳୟା । ଆଳୟ କହିଲେ ବାସ୍ତବରେ ଗୃହକୁ ହିଁ ବୁଝାଏ। ଆମେ ଘରେ ଯେକୌଣସି ପର୍ବ ପାଳନ କଲାବେଳେ ବିଶେଷତଃ ଦୁଇଟି ପରିବାରର ମିଳନ ହୋଇଥାଏ। ଗୋଟିଏ ହେଲା ପିତୃ କୁଳ ଏବଂ ଅନ୍ୟଟି ହେଲା ଶ୍ୱଶୁର କୁଳ । ଦୁହିତା ଦୁଇ କୁଳର ହିତା ପରିପ୍ରେକ୍ଷୀରେ ଜଣେ ମହିଳା ଯଦି ପିଣ୍ଡଦାନ କରେ ତେବେ ସେ ନିଜ ବାପଘର ଓ ସ୍ୱାମୀର ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ କରିଥାଏ । ଫଳରେ ଏହାଦ୍ୱାରା ସେ ଦୁଇଟି କୁଳକୁ ଉଦ୍ଧାର କରିଥାଏ। ପୌରାଣିକ କଥାବସ୍ତୁ ଅନୁସାରେ ମାତା ସୀତା ସ୍ୱୟଂ ନିଜ ସ୍ୱର୍ଗବାସୀ ଶ୍ୱଶୁର ରାଜା ଦଶରଥଙ୍କର ପିଣ୍ଡଦାନ ବାଲିରେ କରିଥିଲେ । କେବଳ ବିବାହିତା ନାରୀ ଓ ଅବିବାହିତା କନ୍ୟା ପିଣ୍ଡଦାନ କରିପାରିବେ । ଜଣେ ନାରୀ ପିଣ୍ଡଦାନ କରିବାଦ୍ୱାରା ଉଭୟ କୁଳର ଯେଉଁ ମହାମିଳନ ହେଲା ତାହାଦ୍ୱାରା ଏକ ମହାନ ପରଂପରା ସୃଷ୍ଟି ହେଲା । ଆଉ ଏହି ମହାମିଳନରୁ 'ମହାଳୟା'ର ସୃଷ୍ଟି ହେଲା। ମାତ୍ର ତାଙ୍କର ସନ୍ତାନ କେବଳ ନିଜ ସ୍ୱର୍ଗବାସୀ ପୂର୍ବ ପୁରୁଷଙ୍କୁ ପିଣ୍ଡ କରି ଥାଆନ୍ତି। ଏହି ପିତୃପକ୍ଷ ବା ଅପରପକ୍ଷ ସମୟ ମଧ୍ୟରେ ନଖ, ଚୁଟି, ବାଳ ଇତ୍ୟାଦି କାଟିବା ଅନୁଚିତ । ଅନ୍ୟ କାହା ଘରେ ଭୋଜନ କରିବା ମଧ୍ୟ ବାରଣ ହୋଇଥାଏ। କେବଳ ନିଜ ସହଧର୍ମିଣୀ ଯେଉଁ ସାତ୍ତ୍ୱିକ ବ୍ୟଞ୍ଜନ ପ୍ରସ୍ତୁତ କରିଥିବେ ତାହାକୁ ଗ୍ରହଣ କରାଯାଇଥାଏ । ଏହି ସମୟରେ ପୂର୍ବ ପୁରୁଷମାନେ ମର୍ତ୍ତ୍ୟଲୋକକୁ ଆସିଥା'ନ୍ତି ସେମାନଙ୍କର ସମ୍ପର୍କୀୟଙ୍କୁ ଦେଖିବାପାଇଁ । ସେ ଜାଣିବାକୁ ଚାହିଁଥାଆନ୍ତି ଯେ, ତାଙ୍କର ସମ୍ପର୍କୀୟମାନେ କେତେ ଦାନଧର୍ମ କରୁଛନ୍ତି, କେତେ ପୁଣ୍ୟ କର୍ମ କରୁଛନ୍ତି । ଏହି ସମୟ ଅତ୍ୟନ୍ତ ଶୁଭଙ୍କର ହୋଇଥିବାରୁ ପୂର୍ବ ପୁରୁଷମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କଲେ ସେମାନଙ୍କର ଶୁଭାଶିଷ ମିଳିଥାଏ ଓ ସର୍ବମଙ୍ଗଳ ହୋଇଥାଏ ।

ମହାଭାରତ କଥାବସ୍ତୁ ଅନୁସାରେ ଅର୍ଜ୍ଜୁନଙ୍କ ଶରାଘାତରେ ମହାରଥୀ କର୍ଣ୍ଣ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନକଲେ । ସେଠାରେ ଅନ୍ୟମାନଙ୍କୁ ନାନାଦି ବ୍ୟଞ୍ଜନ ଭୋଜନପାଇଁ ପରଶା ଯିବାବେଳେ କର୍ଣ୍ଣଙ୍କୁ ଭୋଜନରେ ସ୍ୱର୍ଣ୍ଣ ପରଶାଗଲା । ସେ ଏହା ଦେଖି ଆଚମ୍ଭିତ ହେଲେ। କି ଆଶ୍ଚର୍ଯ୍ୟ କଥା। ସୁନାଭଳକି ଧାତୁକୁ କ'ଣ ଖାଇହୁଏ। ଏହା ଭାବିଭାବି ସେ ଦୁଇଚାରି ଦିନ ଯାଏ ଉପବାସ ରହିଲେ। ଏହାପରେ ମନେମନେ ଭାବିଲେ ତାଙ୍କ ସହିତ ଏପରି କରାଯିବାର କାରଣ ବିଷୟରେ ଦେବରାଜଙ୍କୁ ପଚାରିବେ । ତାଙ୍କୁ ଦେଖି ଦେବରାଜ ପଚାରିଲେ ହେ ବସ୍ସ କର୍ଣ୍ଣ, ସ୍ୱର୍ଗାଲୋକରେ ତୁମର ଆତିଥେୟତାରେ କିଛି ଊଣାହେଲାକି ? ତୁମ ମୁଖମଣ୍ଡଳ ଶୁଖିଲା ଦିଶୁଛି। ତୁମେ ସୂର୍ଯ୍ୟଙ୍କ ପୁତ୍ର। ତେଣୁ ତମର ଅତିଥି ସତ୍କାରରେ ଯେପରି କିଛି ଊଣା ନହୁଏ । ତା'ପରେ କର୍ଣ୍ଣ କହିଲେ ହେ ଦେବରାଜ ଭୋଜନରେ ମୋତେ ସ୍ୱର୍ଣ୍ଣ ଦିଆଯାଉଛି । ସୁନା କଣ କେବେ ଭକ୍ଷଣ କରିହୁଏ । ଇନ୍ଦ୍ର ଅଳ୍ପ ହସି ଉତ୍ତରରେ କହିଲେ ହେ କର୍ଣ୍ଣ , ତୁମେ ଜଣେ ପ୍ରଚଣ୍ଡ ଦାନବୀର। ତୁମେ ଜୀବନରେ ଅନେକ ସୁନା, ରୂପା, ହୀରା, ନୀଳା, ମୋତି, ମାଣିକ ଇତ୍ୟାଦି ଦାନ କରିଛ। କିନ୍ତୁ କେବେ କୌଣସି ଭୋକିଲା ଜୀବକୁ ଅନ୍ନ ଦାନ କରିଛକି ? ନିଜ ପୂର୍ବ ପୁରୁଷଙ୍କୁ କେବେ ଅନ୍ନଦାନ କରିଛକି ? ସଂସାରରେ ଯେତେ ପ୍ରକାର ଦାନ ଅଛି ଅନ୍ନଦାନ ହେଉଛି ସର୍ବଶ୍ରେଷ୍ଠ ଦାନ । ତେଣୁ ମର୍ତ୍ତ୍ୟଲୋକରେ ଯେଉଁ ନର ଯେମିତି ଦାନ ପୁଣ୍ୟ କରିଥାଏ, ସ୍ୱର୍ଗରେ ତାଙ୍କୁ ତାହାହିଁ ମିଳେ । କର୍ଣ୍ଣ ନିଜର ଭୁଲ୍ ବୁଝିପାରିଲେ ଓ ଏଥିରୁ ମୁକ୍ତିର ଉପାୟ କଥା ଇନ୍ଦ୍ରଙ୍କୁ ପଚାରିଲେ ।

ତା'ପରେ ଇନ୍ଦ୍ରଦେବ କହିଲେ ଠିକ୍ ଅଛି, ସ୍ୱର୍ଗଲୋକରୁ ତୁମକୁ ଷୋହଳ ଦିନପାଇଁ ମର୍ତ୍ତ୍ୟ ଲୋକକୁ ପଠାଯିବ । ତୁମେ ସେଠାରେ ନିଜର ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ଷୋହଳ ଦିନ ପରେ ଏଠାକୁ ପୁଣି ଫେରିଆସିବ । ସେହି ଅନୁସାରେ କର୍ଣ୍ଣ ମର୍ତ୍ତ୍ୟକୁ ପୁଣିଥରେ ଆସିଲେ ଓ ଇନ୍ଦ୍ରଙ୍କ କହିବା ମୁତାବକ ପନ୍ଦର ଦିନ ଶୁଦ୍ଧପୂତ ଭାବେ ପିତୃପକ୍ଷ ପାଳନ କଲେ ଏବଂ ତା' ପରଦିନ ମହାଳୟାରେ ପିତୃପକ୍ଷଙ୍କୁ ଅତି ଶ୍ରଦ୍ଧାରେ ଅନ୍ନଦାନ କରି ଶ୍ରାଦ୍ଧ ଦେଲେ ଓ ସ୍ୱର୍ଗାଲୋକ ଗମନକଲେ । ତଦନୁଯାୟୀ ଏହି ବିଧି ପରଂପରା ଅତି ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଅଛି । ଭାଦ୍ରବ ମାସର ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ ଏବଂ ତା' ପରଦିନକୁ ମହାଳୟା ବୋଲି ଆମେ ଜାଣିଛେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ସେପ୍ଟେମ୍ବର, ରବିବାର, ୨୦୨୫



# ଏସିଆ କପ୍‌ରେ ନିୟମ ଉଲ୍ଲଂଘନ ପାଇଁ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରେ ଆଇସିସି

**ଦୁବାଇ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବିରୋଧରେ ଏସିଆ କପ୍‌ରେ ଏକାଧିକ ନିୟମ ଉଲ୍ଲଂଘନ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ବିଚାର କରୁଛି। ପାକିସ୍ତାନ ଓ ୟୁଏଇ ମଧ୍ୟରେ ମ୍ୟାଚ ପୂର୍ବରୁ ପିସିବି ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ଦାବି କରି ମ୍ୟାଚ୍ ବର୍ଜନ କରିଥିଲା।



ଆଇସିସି ସିଇଓ ସଞ୍ଜୋଗ ଗୁପ୍ତା ପିସିବିକୁ ଇ-ମେଲ ପଠାଇ ଖେଳାଳି ଓ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମଓଏ) ନିୟମର 'ଅନୁଚିତ ଆଚରଣ' ଓ 'ଏକାଧିକ ଉଲ୍ଲଂଘନ' ଅଭିଯୋଗ ଉଠାଇଛନ୍ତି। ପିସିବିର ମିଡିଆ ମ୍ୟାନେଜର ନାଇମ ଗିଲାନୀ ଟସ୍ ପୂର୍ବରୁ ପାଇକ୍ରଫ୍ଟ, କୋଚ୍ ମାଇକ୍ ହେସନ ଓ ଅଧିନାୟକ ସଲମାନ ଆଲି ଅଘାଙ୍କ ବୈଠକ ଫିଲ୍ମ କରିଥିବା ନେଇ ଅଭିଯୋଗ ହୋଇଛି, ଯାହା ପିଏମଓଏ ନିୟମର ଉଲ୍ଲଂଘନ। ଆଇସିସି ଏହାକୁ ଖେଳର ସ୍ୱାର୍ଥ ଓ ପିଏମଓଏର ପବିତ୍ରତା ବିରୁଦ୍ଧରେ ଏକ ଗୁରୁତର ଉଲ୍ଲଂଘନ ବୋଲି ବିବେଚନା କରୁଛି।

# ଜ୍ୟୋତିଙ୍କୁ ମିଳିଲା ଗୁରୁଦାୟିତ୍ୱ

**ନୂଆଦିଲ୍ଲୀ**

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ ୨୩ ଜଣିଆ ଜୁନିୟର ଭାରତୀୟ ମହିଳା ହକି ଦଳର ନେତୃତ୍ୱ ନେବେ ଡିଫେଣ୍ଡର ଜ୍ୟୋତି ସିଂ। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ମ୍ୟାଚଗୁଡ଼ିକ କାନବେରାସ୍ଥିତ ନ୍ୟାସନାଲ ହକି ସେଣ୍ଟରଠାରେ ଖେଳାଯିବ।

ଭାରତୀୟ ଦଳ ଅଷ୍ଟ୍ରେଲିଆ ଜୁନିୟର ଦଳ ବିପକ୍ଷରେ ତିନୋଟି ଏବଂ ଅଷ୍ଟ୍ରେଲିଆର ହକି ୱାନ ଲିଗ୍‌ରେ ଭାଗ ନେଉଥିବା କ୍ଲବ କାନବେରା ଚିଲ୍ ସହିତ ଦୁଇଟି ମ୍ୟାଚ ଖେଳିବ।

ଡିସେମ୍ବରରେ ଚିଲିର ସାଣ୍ଟିଆଗୋଠାରେ ଖେଳାଯିବାକୁ ଥିବା ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ୨୦୨୫ ପାଇଁ ଏହି ଟୁରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବିବେଚନା କରାଯାଉଛି।



ଡିଫେଣ୍ଡର, ମିଡଫିଲ୍ଡର ଓ ଫରୱାର୍ଡର ସନ୍ତୁଳିତ ମିଶ୍ରଣ ବିଶିଷ୍ଟ ଏହି ଦଳର ନେତୃତ୍ୱ ନେବେ। ଜ୍ୟୋତି ଇତିମଧ୍ୟରେ ଚଳିତବର୍ଷ ପ୍ରାରମ୍ଭରେ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍‌ର ସିନିୟର ଦଳ ତରଫରୁ ଖେଳି ସାରିଛନ୍ତି। ଡିଫେନ୍ସ ପାଇଁ ମନିଷା, ଜ୍ୟୋତି ଲାଲ୍ଲୁଆଣ୍ଟ ଲୁଆଙ୍ଗି, ମମିତା ଓରାମ, ସାକ୍ଷୀ ଶୁକ୍ଲା, ପୂଜା ସାହୁ ଏବଂ ନନ୍ଦିନୀଙ୍କୁ ମନୋନୀତ କରାଯାଇଛି।

ମିଡଫିଲ୍ଡରରେ ପ୍ରିୟଙ୍କା ଯାଦବ, ସାକ୍ଷୀ ରାଣା, ଖାଇଦେମ ଶିଲିମା ଚାନୁ, ରଜନୀ କେରକେଟା, ବିନିମା ଧନ୍, ଈଶିକା, ସୁନେଲିତା ଟୋପ୍ପୋ ଓ ଅନିଷା ସାହୁ ଦାୟିତ୍ୱ ସମ୍ଭାଳିବାକୁ ଥିବାବେଳେ ଫରୱାର୍ଡ ଲାଇନ୍‌ର ଲାଲ୍ରିନପୁଇ, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, ସୋନମ କନିକା ସିୱାଚ ଓ ସୁଖବୀର କୌର ରହିଛନ୍ତି।

# ପୁଣି ପ୍ରେସ୍ କନ୍‌ଫରେନ୍ସ ବାତିଲ କଲା ପାକିସ୍ତାନ

**ଦୁବାଇ**

ସୁଧୁରିବାର ନାଁ ନେଉନାହିଁ ପାକିସ୍ତାନ କ୍ରିକେଟ ଟିମ। ଏସିଆ କପ୍ ୨୦୨୫ର ସୁପର-୪ରେ ଭାରତ ବିପକ୍ଷ ମୁକାବିଲା ପୂର୍ବରୁ ଦଳ ଆଇସିସି ଏକାଡେମୀରେ ହେବାକୁ ଥିବା ପ୍ରେସ କନଫରେନ୍ସ ରଦ୍ଦ କରିଛି। ଏହା ପୂର୍ବରୁ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ବିପକ୍ଷ ମ୍ୟାଚ୍ ପୂର୍ବରୁ ମଧ୍ୟ ପାକିସ୍ତାନ ଏକାନ୍ତ ଭାବେ ପ୍ରେସ କନଫରେନ୍ସ ରଦ୍ଦ କରିଥିଲା। ଏହା ସହିତ ଖବର ମିଳୁଛି ଯେ ୨୧ ସେପ୍ଟେମ୍ବରରେ ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଖେଳାଳିଙ୍କ ମନୋବଳ ବଢ଼ାଇବା ପାଇଁ ମୋଟିଭେସନାଲ ସ୍ପିକର ଡକ୍ଟର ରାହିଲଙ୍କୁ ଡାକିଛି।

ଏସିଆ କପ୍ ୨୦୨୫ରେ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ପ୍ରେସ କନଫରେନ୍ସ ରଦ୍ଦ କରିଛି। ଏହା ପୂର୍ବରୁ ୟୁଏଇ ବିପକ୍ଷ ମ୍ୟାଚ ପୂର୍ବରୁ ମଧ୍ୟ ସେମାନେ ଏଭଳି କରିଥିଲେ। ଏବେ ସୁପର-୪ରେ ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ପୁଣି ଥରେ ଏହି କାର୍ଯ୍ୟକଳାପ ଜାରି ରଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଲିଗ୍ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଥିବାରୁ ପାକିସ୍ତାନ ଟିମରେ ଉତ୍ସାହରେ ଅଭାବ ଦେଖାଦେଇଛି।

ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତୀୟ ଦଳ ଏସିଆ କପରେ ପାକିସ୍ତାନ ସହ ହାତ ମିଳାଇବାକୁ ମନା କରିଦେଇଥିଲା। ଏହି ନିଷ୍ପତ୍ତି ପାକିସ୍ତାନ ଦଳକୁ ପସନ୍ଦ ଆସି ନ ଥିଲା। ଏହା ପରେ ସେମାନେ ଲଗାତାର କିଛି ନା କିଛି ବିବାଦୀୟ କାର୍ଯ୍ୟକଳାପ ଜାରି ରଖିଛନ୍ତି। ପିସିବି ମ୍ୟାଚ୍ ରେଫରୀ ଆଣ୍ଡ୍ରି ପାଇକ୍ରଫ୍ଟଙ୍କ ଉପରେ ଭାରତୀୟ ଦଳ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ନ ନେବାର ଅଭିଯୋଗ ଲଗାଇଛି। ସେମାନେ ଧମକ ଦେଇଥିଲେ ଯେ ଯଦି ସେମାନଙ୍କ ଦାବି ପୂରଣ ନ ହୁଏ, ତେବେ ସେମାନେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବେ ଏବଂ ୟୁଏଇ ବିପକ୍ଷ ତୃତୀୟ ଗ୍ରୁପ୍ ? ମ୍ୟାଚରେ ବିଳମ୍ବରେ ଆରମ୍ଭ କରିଥିଲେ। ହେଲେ ଆଣ୍ଡି ପାଇକ୍ରଫ୍ଟଙ୍କ ସହ ବୈଠକ ପରେ ପିସିବି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ରାଜି ହୋଇଥିଲା।




ବିବାଦ ଏଠାରେ ଶେଷ ହୋଇ ନ ଥିଲା। ଆଇସିସି ପ୍ଲେୟାର୍ସ ଆଣ୍ଡ ମ୍ୟାଚ୍ ଅଫିସିଆଲ୍ସ ଏରିଆ (ପିଏମ୍‌ଓଏ)ରେ ପାଇକ୍ରଫ୍ଟଙ୍କ ସହ ହୋଇଥିବା ବୈଠକର ଭିଡିଓ ତିଆରି ଏବଂ ଅନଲାଇନ୍‌ରେ ପ୍ରକାଶ କରିବାକୁ ନେଇ ପିସିବିକୁ ଏକ ମେଲ ପଠାଇଥିଲା। ଏହାର ଜବାବରେ ପିସିବି କହିଥିଲା ଯେ ଏହା ଆଇସିସି ପ୍ରୋଟୋକଲ ଅନୁଯାୟୀ ଥିଲା। ପାକିସ୍ତାନ ଟିମ୍ ଉପରେ ଚାପ।

ମଇଦାନ ବାହାରେ ଏହି ନାଟକୀୟ ଘଟଣା ପାକିସ୍ତାନ ଟିମ ଉପରେ ଆହୁରି ଚାପ ସୃଷ୍ଟି କରିଛି।

ସଲମାନ ଆଗାଙ୍କ ନେତୃତ୍ୱାଧୀନ ଦଳକୁ ଆଗାମୀ ମ୍ୟାଚରେ ଭାରତୀୟ ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ହେବ। ଏହି ହାଇ-ଭୋଲଟେଜ ମୁକାବିଲାରେ ଆଣ୍ଡି ପାଇକ୍ରଫ୍ଟ ପୁଣି ଥରେ ମ୍ୟାଚ ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରିବେ।

# ଧର୍ମଶାଳା ମହାବିଦ୍ୟାଳୟର ୩ ଛାତ୍ର ଜାତୀୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତା ପାଇଁ ମନୋନୀତ



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ମହାବିଦ୍ୟାଳୟର ୩ ଛାତ୍ର ଜାତୀୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ରାଜ୍ୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଏଥିରେ ଧର୍ମଶାଳା ମହାବିଦ୍ୟାଳୟ ଯୁକ୍ତ ଦୁଇର ୩ ଜଣ ଛାତ୍ର ଆଶୁତୋଷ ସାମଲ, ଓମ୍ ପ୍ରକାଶ ସାମଲ ଓ ଶୁଭ୍ରାଂଶୁ ସାହୁ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ସଫଳତା ହାସଲ କରିବା ସହିତ, ଜାତୀୟ ସ୍ତର ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ମନୋନୀତ ହୋଇଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇବା ସହ ସ୍ଥାନୀୟ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡିପଦର ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ, ହ୍ୟାଣ୍ଡବଲ, ବାସ୍କେଟବଲ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ମୁଣ୍ଡିପଦର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ସାହୁ ଉପସ୍ଥିତ ରହି ଦେବ ପୂଜନ ଓ ପ୍ରଦୀପ ପ୍ରଜ୍ୱଳନ, ସ୍ୱାଗତ ସଂଗୀତ ପରିବେଷଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ, ଶପଥ ପାଠ କରାଯାଇଥିଲା। ଏହା ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡା ନିରୀକ୍ଷକ ଆନନ୍ଦ କୁମାର ବେହେରା ବିବରଣୀ ପାଠ କରିଥିଲେ। ଜିଲ୍ଲାସ୍ତରରେ ମନୋନୀତ ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ଶେଷରେ ସହକାରୀ ଶିକ୍ଷକ ଅଯତ୍ନ ଲୁହା ଧନ୍ୟବାଦ ଦେଇଥିଲେ।

# ଶାନ୍ତି ଶୃଙ୍ଖଳା ଓ ଭାଇଚାରା ଭିତ୍ତିରେ ପାର୍ବଣ ଉତ୍ସବ ପାଳନ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସଦର ମହକୁମା ପୌରପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ ପାଳନ ହେବାକୁ ଯାଉଥିବା ପୂଜା ପାର୍ବଣ ଯଥା ଦୁର୍ଗା ପୂଜା, ରାବଣ ପୋଡ଼ି,ଗଜଲକ୍ଷ୍ମୀ ପୂଜା, କାଳୀ ପୂଜା, କାର୍ତ୍ତିକେଶ୍ୱର ପୂଜା ଏବଂ ମେଢ଼ ବିସର୍ଜନ, ଭୋଗଲାଗି ଓ ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷ ଶ୍ରୀ ବେଉରା ଚଳିତ ବର୍ଷ ପରି ଏ ବର୍ଷ ମଧ୍ୟ ହର୍ଷୋଲ୍ଲାସରେ ଭାଇଚାରା ଭିତ୍ତିରେ ଶାନ୍ତି, ଶୃଙ୍ଖଳା ସହ କର୍ତ୍ତବ୍ୟ ଦାୟିତ୍ୱବୋଧ ନିର୍ବାହ କରି ପୂଜା ସମାପନ କରିବାକୁ ଜିଲ୍ଲାବାସୀ ଓ ସହର ବାସୀଙ୍କ କାମନା ଲୋଡିଥିଲେ। ବୈଠକରେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପୂର୍ବକ ସହରରେ ଅନୁଷ୍ଠିତ ହେଉଥିବା ୯ ଗୋଟି ଦୁର୍ଗା ପୂଜା କମିଟି ଓ ୩୬ ଗୋଟି ଗଜଲକ୍ଷ୍ମୀ ପୂଜା କମିଟି ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ବୈଠକରେ ସମସ୍ତ ଅତିଥି, ପୂଜାକମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା ପରେ ଦୁର୍ଗା ପୂଜା ଚଳିତ ମାସ ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହୋଇ ଦଶହରା ଅକ୍ଟୋବର ୨ ତାରିଖ ଓ ଭସାଣି ଅକ୍ଟୋବର ୩ ତାରିଖରେ ପାଳନ କରାଯିବ। ସେହିପରି ରାବଣ ପୋଡ଼ି ଅକ୍ଟୋବର ୨ ତାରିଖରେ ହାବେଳୀ ପଡିଆଠାରେ ସନ୍ଧ୍ୟା ୭ ଘଟିକାରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଏବଂ ଗଜଲକ୍ଷ୍ମୀ ପୂଜା ଅକ୍ଟୋବର ୬ ତାରିଖରୁ ୧୧ ତାରିଖ ଓ ୧୨ ତାରିଖରେ ଭସାଣି ପାଳନ କରାଯିବା। ପରିବା ମାର୍କେଟ ପୂଜା କମିଟି ଅନ୍ୟ ୨ଗୋଟି ପୂଜା କମିଟି ସହ ମିଶି ଚଳିତ ବର୍ଷ ପୂଜା ପାଳନ କରିବେ ବୋଲି ସୂଚନା ଦେଇଥିଲେ। ତଳସାହି ଓ ମାଛ ମାର୍କେଟ ପୂଜା କମିଟି ଅକ୍ଟୋବର ୫ ତାରିଖରେ ଭସାଣି ପାଳନ କରିବେ। ସମସ୍ତ ପୂଜା ପାଳନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ କିଶୋର କୁମାର ପଣ୍ଡା ଆସନ୍ତା ୨୫ ଓ ୨୬ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁମତି ପ୍ରଦାନ କରିବେ। ପୂଜା ପାଳନ ଆଗରୁ ଉପଜିଲ୍ଲାପାଳ ଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ, ଅଗ୍ନିଶମ ସେବା, ପୌର ପ୍ରଶାସନ, ପୂର୍ତ୍ତ, ବିଜୁଳି



ସ୍ୱାସ୍ଥ୍ୟ ବିଭାଗଙ୍କୁ ନେଇ ଏକ କମିଟି ଗଠନ କରାଗଲା ଯେଉଁ ମାନେ ସମସ୍ତ ପୂଜା କମିଟି ଅଞ୍ଚଳ ପରିଦର୍ଶନ କରି ସମସ୍ତ ସେବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଜିଲ୍ଲାପାଳଙ୍କୁ ଜଣାଇବେ। ବୈଠକରେ ଅଧ୍ୟକ୍ଷ ବିଜୁଳି ଯୋଗାଣ ତାର ଝୁଲିବା, କେବୁଲ ଅପରେଟର ମାନଙ୍କ ତାର ଖୋଲିବା, ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ କଟକଣା ଓ ଏକମୁଖିରାସ୍ତା ପ୍ରଚଳନ, ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ୪ ଚକିଆ ଯାନ ପୂଜା ମଣ୍ଡପ ରାସ୍ତାରେ ଯାଇପାରିବେ ନାହିଁ ବୋଲି ସୂଚନା ଦେଇଥିଲେ। କେବୁଲ୍ ଅପରେଟରମାନଙ୍କୁ ରାସ୍ତାରେ ଝୁଲୁଥିବା ତାର ଅପସାରଣ ନିମନ୍ତେ ନିର୍ବାହୀ ଅଧିକାରୀ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଗୋଟିଏ ସାଉଣ୍ଡ ବକ୍ସ ରଖିବାକୁ ଏବଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ୬୫ ଡେସିବଲରୁ କମ ସାଉଣ୍ଡ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷ ଭାବେ ପାରମ୍ପାରିକ ନୃତ୍ୟଗୀତ ଘଣ୍ଟ ଘଣ୍ଟା ମୃଦଙ୍ଗ, ଝାଞ୍ଜ ଇତ୍ୟାଦି ଭସାଣିରେ ବ୍ୟବହାର କରିବାକୁ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ରାବଣ ପୋଡ଼ି ସମୟରେ ଅଗ୍ନିଶମ ସେବା ବିଭାଗ, ଆମ୍ବୁଲାନ୍ସ ସେବା, ଭ୍ରାମ୍ୟମାଣ ପ୍ରାଥମିକ ଚିକିତ୍ସା ଯାନ, ସଫେଇ, ବାରିକେଡିଂ, ବିଜୁଳି ଆଲୋକ, ପାନୀୟ ଜଳ ଟ୍ୟାଙ୍କର ସେବା ଯୋଗାଇ ଦେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୋଚି ସାହି, ପୋଷ୍ଟ ଅଫିସ ଲେନ୍ ବିଜୁଳି ଖୁଣ୍ଟି ଉଠିବା ଦିଗରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା ପ୍ରସ୍ତାବ ଦେଇଥିବା ବେଳେ ବିଧାୟକ, ଖୋର୍ଦ୍ଧାଙ୍କ ପ୍ରତିନିଧି ନିକୁଞ୍ଜ ପଟ୍ଟନାୟକ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରି ଖୋର୍ଦ୍ଧା ସହରର ଗୌରବ ବଜାୟ ରଖିବାକୁ ସମସ୍ତ ପୂଜା କମିଟି ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ବକ୍ତବ୍ୟ ରଖିଥିଲେ। ଗଜଲକ୍ଷ୍ମୀ ପୂଜା ଭସାଣି ପାଇଁ ଅକ୍ଟୋବର ୪ ଓ ୫ ତାରିଖରେ ଉପ ଜିଲ୍ଲାପାଳଙ୍କ ଠାରୁ ଲାଉଡ ସ୍ପିକର, ଅଗ୍ନିଶମ ସେବା ଓ ବିଜୁଳି ଆଲୋକର ପୂଜା କମିଟି ମାନେ ଅନୁମତି ନେବେ। ତୋରଣ ନିର୍ମାଣର ପୂଜା କମିଟି ମାନେ ଅନୁମତି ନେବେ। ଗାଈ ଗୋରୁ ମାନଙ୍କୁ ରାସ୍ତାରୁ ସ୍ଥାନାନ୍ତରଣ, କେବୁଲ ତାର ରାସ୍ତାରୁ ଉଠାଇବା ନିମନ୍ତେ ଡ଼ାକବାଜି ଯନ୍ତ୍ରରେ ପୌର ନିର୍ବାହୀ ଅଧିକାରୀ ପ୍ରଚାର କରିବା ନିମନ୍ତେ ପଦକ୍ଷେପ ନେବେ। ଗୀତା ଭବନ ଠାରେ ଯାନ ବାହନ ରଖିବା ପାଇଁ ବାରିକେଡ କରାଯିବ। ସେହିଁପରି ପୂଜା ଓ ଭସାଣି ସମୟରେ ମାଦକ ଦ୍ରବ୍ୟ ବନ୍ଦ ହେବ। ଖାଦ୍ୟ ସୁରକ୍ଷା ଅଧିକାରୀ ଦୈନନ୍ଦିନ ଖାଦ୍ୟ ଯାଞ୍ଚ କରିବେ। ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ କଣ୍ଟ୍ରୋଲ ରୁମ, ସମସ୍ତ ପୂଜା କମିଟି ସଭାପତି/ସଂପାଦକଙ୍କ ମୋବାଇଲ ନମ୍ବର ରଖିବା, ପ୍ରତ୍ୟେକ ପୂଜା କମିଟି ସ୍ୱଚ୍ଛତା ନିମନ୍ତେ ଓ ପୂଜା ମଣ୍ଡପରେ ସୁଚାରୁ କାର୍ଯ୍ୟ ସମ୍ପାଦନ ନିମନ୍ତେ ୫ ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ କରିବା, ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା, ଡଷ୍ଟବିନ ରଖିବା, ପୂଜା ସମୟରେ ଭାରିଯାନ ଚଳାଚଳ ବନ୍ଦ ରଖିବା, ମେଢ଼ ବିସର୍ଜନ ପାଇଁ ପୌରପରିଷଦ ପକ୍ଷରୁ ୭ ଗୋଟି ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ, ନିଶାମୁକ୍ତ ଓ ପଲିଥିନ ମୁକ୍ତ ପୂଜା ଓ ଭସାଣି ପାଳନ ଓ ସଠିକ୍ ସମୟରେ ପ୍ରଶାସନ ସମୟାନୁଶାରେ ସମସ୍ତ ମେଢ଼ ପୂଜା ମଣ୍ଡପ ଛାଡ଼ିବା ଓ ଭସାଣି ସମାପନ କରି ଖୋର୍ଦ୍ଧା ସହରର ଏହି ପବିତ୍ର ପାଇକ ମାଟିରେ ଦୁର୍ଗାପୂଜା, ରାବଣ ପୋଡ଼ି, ଗଜଲକ୍ଷ୍ମୀ ପୂଜା ଶାନ୍ତି, ଶୃଙ୍ଖଳା ଓ ସାଂସ୍କୃତିକ ଭାତୃତ୍ୱପୂର୍ଣ୍ଣ ସହଭାଗିତାରେ ପ୍ରଶାସନ ର ସମସ୍ତ ନିର୍ଦ୍ଦେଶ ମାନି ସମାପନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସହଯୋଗ ଲୋଡିଥିଲେ।

# ଜାତୀୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଜୟଶ୍ରୀ କେମିକାଲ ସ୍କୁଲର ଛାତ୍ରୀଙ୍କ ସଫଳତା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ମହାରାଷ୍ଟ୍ରର ଜଲଗାଁଓ ଠାରେ ୧୬/୦୯/୨୦୨୫ ଠାରୁ ୧୮/୦୯/୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା CISCE ଜାତୀୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ପ୍ରତ୍ୟୁଷ କୁମାରୀ ତରାଇ ୧୭ ବର୍ଷ ରୁ କମ ବାଳିକା ବିଭାଗ ୫୫କିଗ୍ରା ରେ ତୃତୀୟ ସ୍ଥାନ ଓ ସେହି ଅଷ୍ଟମ ଶ୍ରେଣୀ ର ଛାତ୍ରୀ ସୁଶ୍ରୀ ସରସ୍ୱତୀ ରେଡ୍ଡୀ ୧୭ବର୍ଷରୁ କମ ବାଳିକା ବିଭାଗର ୫୨ କିଗ୍ରାରେ ତୃତୀୟ ସ୍ଥାନ ଅଧିକାର କରି ସ୍କୁଲ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ଦୁଇ ଛାତ୍ରୀ ଅଗଷ୍ଟ ୨ ଓ ୩ ରିଖ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେମାନେ ସ୍କୁଲର ଟାଇକୋଣ୍ଡ ପ୍ରଶିକ୍ଷକ ଅଭିମନ୍ୟୁ ରେଡ୍ଡୀ ଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ସୁନୀଲ କୁମାର ଦାଶଙ୍କ ପ୍ରେରଣା ଏହି ଦୁଇ ଜଣଙ୍କୁ ସଫଳତା ଦେବାରେ ସହାୟକ ହୋଇଥିଲା। ସେମାନଙ୍କର ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ଜୟଲକ୍ଷ୍ମୀ ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେମାନେ ୨୦୨୪-୨୫ ମସିହାରେ ମଧ୍ୟ ଜାତୀୟ ସ୍ତରୀୟ ପ୍ରତିଯୋଗିତରେ ଅଂଶ ଗ୍ରହଣ କରି ସ୍କୁଲ ପାଇଁ ଗୌରବ ଆଣିଥିଲେ।

# ଆଇଆଇଏମ ମୁମ୍ବାଇର ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଆଜି ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ (ଆଇଆଇଏମ), ମୁମ୍ବାଇର ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରିଛନ୍ତି। ଭାରତର ଅଗ୍ରଣୀ ଆଇଆଇଏମଗୁଡ଼ିକ ମଧ୍ୟରେ ଷଷ୍ଠ ସ୍ଥାନ ହାସଲ କରିଥିବାରୁ ସେ ଶିକ୍ଷାନୁଷ୍ଠାନକୁ ପ୍ରଶଂସା କରିବା ସହିତ ଡିଗ୍ରୀ ହାସଲ କରିଥିବା ସ୍ନାତକୋତ୍ତର ଏବଂ ପିଏଚଡି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କର ସଫଳତାରେ ଶିକ୍ଷକ, ମାତାପିତା ଏବଂ ସାଥୀମାନଙ୍କର ସ୍ନେହ, ସହଯୋଗ ଏବଂ ମାର୍ଗଦର୍ଶନ ରହିଥିବା ଡକ୍ଟର ମିଶ୍ର ଉଲ୍ଲେଖ କରିଛନ୍ତି।




ତାଙ୍କର ଅଭିଭାଷଣରେ, ବର୍ତ୍ତମାନର ଆର୍ଥିକ ପରିଦୃଶ୍ୟରେ ଦେଖା ଦେଇଥିବା ଜଟିଳତା, କୋଭିଡ ୧୯ ମହାମାରୀ, ବାଣିଜ୍ୟ ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଯୁକ୍ତିଗତ ବାଧକ ଭଳି ବିଶ୍ୱସ୍ତରୀୟ ସମସ୍ୟା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ସଂକଳ୍ପକୁ ସାକାର କରିବା ଲାଗି ଭାରତ ''ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ''ର ମନ୍ତ୍ର ନେଇ ସାହସ ଏବଂ ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି।

ଡକ୍ଟର ମିଶ୍ର କହିଛନ୍ତି, ଭାରତ ନବସୃଜନ କ୍ଷେତ୍ରରେ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ରୂପେ ପରିଣତ ହୋଇଛି। ଏବେ ଦେଶରେ ୧୦୦ରୁ ଅଧିକ ୟୁନିକର୍ଣ୍ଣ ଏବଂ ୧.୯ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛି। ଏହା ସହିତ ସରକାର ୧ ଲକ୍ଷ କୋଟି ଟଙ୍କାର ଅନୁସନ୍ଧାନ ଜାତୀୟ ଗବେଷଣା ଫଣ୍ଡ, ଇଣ୍ଡିଆ ଏଆଇମିଶ ଏବଂ ଡିପ୍ ଟେକ୍ ଫଣ୍ଡ ଅଫ୍ ଫଣ୍ଡସର ଶୁଭାରମ୍ଭ କରିଛନ୍ତି।

ମାନବ ସମ୍ବଳ ବିକାଶ ଉପରେ ଡକ୍ଟର ମିଶ୍ର କହିଛନ୍ତି ବୈଷୟିକ ଦକ୍ଷତା ଯଥେଷ୍ଟ ନୁହେଁ, ଆଭିମୁଖ୍ୟ, ଦଳଗତ କାର୍ଯ୍ୟ, ମୁକ୍ତଭାବନା, ଆପୋସ ସମ୍ମାନ, ସହୃଦୟତା, ନୈତିକତା, ପାରଦର୍ଶିତା ଏବଂ ନିଷ୍ଠା ମଧ୍ୟ ଜରୁରୀ। ବ୍ୟକ୍ତିଗତ ଦକ୍ଷତା ଅପେକ୍ଷା ଦଳଗତ ଭାବନା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନିରନ୍ତର ଶିକ୍ଷା ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଜ୍ଞାନ ହିଁ କେବଳ ପରିବର୍ତ୍ତିତ ବିଶ୍ୱ ପାଇଁ ଉପଯୋଗୀ ବୋଲି ସେ କହିଛନ୍ତି।

ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରି ଡକ୍ଟର ମିଶ୍ର ୨୦୧୪ ଠାରୁ କାର୍ମିକ ପରିଚାଳନାରେ ଆସିଥିବା ରଣନୀତିକ ପରିବର୍ତ୍ତନ ବିଷୟରେ କହିଥିଲେ। ସେ କହିଥିଲେ ଏକବିଂଶ ଶତାବ୍ଦୀର ପ୍ରଶାସନିକ ସେବା ବ୍ୟବସ୍ଥା ଗଠନ କରିବା ଏହାର ଲକ୍ଷ୍ୟ ଥିଲା। ଏଥିମଧ୍ୟରୁ ଗୋଟିଏ ଥିଲା ଯୁଗ୍ମସଚିବ, ଅତିରିକ୍ତ ସଚିବ ଏବଂ ଭାରତ ସରକାରଙ୍କ ସଚିବ ଭଳି ବରିଷ୍ଠ ପଦବୀ ପାଇଁ ତାଲିକାଭୁକ୍ତ କରାଯିବା ପ୍ରକ୍ରିୟାର ପୁନର୍ବିନ୍ୟାସ। ସେ କହିଥିଲେ ଯେ ସରକାର ୨୦୧୬ରେ ଏକ ବହୁମୁଖୀ ମତାମତ ସଂଗ୍ରହ (ଏମଏସଏଫ) ବ୍ୟବସ୍ଥା ପ୍ରଚଳନ କରିଥିଲେ। ଏହି ବ୍ୟବସ୍ଥାରେ ବରିଷ୍ଠ, କନିଷ୍ଠ, ସହକର୍ମୀ ଏବଂ ବାହ୍ୟଅଂଶୀଦାର ମାନଙ୍କଠାରୁ ମୂଲ୍ୟାୟନ ସାମିଲ କରାଯାଇଛି ଯାହାକି ନିଷ୍ପତ୍ତି ଗ୍ରହଣ, ଦାୟିତ୍ୱ, ବିତରଣ, ସକ୍ରିୟତା ଏବଂ ସଚ୍ଚୋଟତା ପାଇଁ ଖ୍ୟାତିଭଳି ଗୁଣଗୁଡ଼ିକର ମୂଲ୍ୟାଙ୍କନ କରିଥାଏ। ଚୟନର ନିରପେକ୍ଷତାରେ ଦୃଢ଼ ବିଶ୍ୱସନୀୟତା ସହିତ ଏହି ସଂସ୍କାର ପ୍ରତିଭା ଭଣ୍ଡାରକୁ ବିସ୍ତାର କରିଛି ବୋଲି ଡକ୍ଟର ମିଶ୍ର କହିଥିଲେ। ଏକଦ୍ରୁତ-ବିକଶିତ ଭାରତର ଆକାଂକ୍ଷା ପୂରଣ କରିବା ପାଇଁ ଶାସନ ଢାଞ୍ଚାକୁ ନୂଆ ରୂପ ଦିଆଯାଇଥିବା ସେ ଉଲ୍ଲେଖ କରିଥିଲେ। ସେହିପରି ଗ୍ରୁପ୍ ବି ଏବଂ ସି ପୋଷ୍ଟ ପାଇଁ ବ୍ୟକ୍ତିଗତ ସାକ୍ଷାତକାର ବନ୍ଦ କରାଯିବା ଫଳରେ ପକ୍ଷପାତିତା ହ୍ରାସ ପାଇଥିବା ସେ ମତବ୍ୟକ୍ତ କରିଥିଲେ। ମିଶନ କର୍ମଯୋଗୀ ମାଧ୍ୟମରେ ପ୍ରଶାସନିକ ସେବାର କ୍ଷମତା ବୃଦ୍ଧି କରାଯାଉଛି। ଆଇଗଟ କର୍ମଯୋଗୀ ପ୍ଲାଟଫର୍ମ ଜରିଆରେ ଏବେ ୩,୩୦୦ ପାଠ୍ୟକ୍ରମ ଉପଲବ୍ଧ ହେଉଛି ଏବଂ ୧.୩ କୋଟିରୁ ଅଧିକ ବ୍ୟବହାରକାରୀ ଏହାର ଲାଭ ପାଇପାରୁଛନ୍ତି ବୋଲି ସେ ଆହୁରି କହିଥିଲେ।

ଡକ୍ଟର ମିଶ୍ର ଉଲ୍ଲେଖ କରିଥିଲେ ଯେ ୭୯% କର୍ମଚାରୀକନିଷ୍ଠ ସ୍ତରର, ଏବଂ ୫୦ଲକ୍ଷରୁ ଅଧିକ ଭୂମିକା-ଆଧାରିତ ପାଠ୍ୟକ୍ରମ ସମାପ୍ତ କରିଛନ୍ତି। ୧୦୭ଟି ମନ୍ତ୍ରଣାଳୟ/ବିଭାଗ ଏବଂ ସଂଗଠନକୁ ସହାୟତା କରିବାଏବଂ ତାଲିମ ପ୍ରତିଷ୍ଠାନ ପାଇଁ ଜାତୀୟମାନଦଣ୍ଡ ସ୍ଥାପନ କରିବାରେ ଦକ୍ଷତା ବିକାଶ କମିଶନର ଭୂମିକା ବିଷୟରେ ସେ ବିସ୍ତୃତ ଭାବରେ ବର୍ଣ୍ଣନାକରିଥିଲେ।



ଜୟଦେବ ଭବନରେ ନ୍ୟାସନାଲ ଏକାଡେମୀ ଅଫ୍ ସାକ୍ଷରତା ମିଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦୀପ କୁମାର ଦେହୁରୀଙ୍କୁ ୱାର୍ଲ୍ଡୱାଇଡ୍ ଆୱାର୍ଡ-୨୦୨୫ ପ୍ରଦାନ କରୁଛନ୍ତି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ (ଫଟୋ-ସମ୍ବାଦ କଳିକା)

ଭୁବନେଶ୍ୱର
୨୧ ସେପ୍ଟେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମହାଳୟାରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଦର୍ଶନ କରିବେ ଭକ୍ତ

**ସମ୍ବଲପୁର, ୨୦/୦୯ ନ୍ୟୁଜ ବ୍ୟୁରୋ**

ରବିବାର ପବିତ୍ର ମହାଳୟା । ଏହି ଅବସରରେ ମା' ସମଲେଶ୍ୱରୀ ଧବଳମୁଖୀ ବେଶ ବା ଗଙ୍ଗାବେଶ ଧାରଣ କରିବେ। ମହାଳୟା ଉପଲକ୍ଷେ ରବିବାରରୁ ମଙ୍ଗଳବାର ପୂର୍ବାହ୍ନ ୧୧.୪୫ ପର୍ଯ୍ୟନ୍ତ ଅଢ଼େଇ ଦିନ ଧରି ମା' ଏହି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏହାପରେ ପୁଣି ସିନ୍ଦୁରବର୍ଣ୍ଣା ରୂପ ଧାରଣ କରିବେ। ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ମା'ଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି । ଏହାକୁ ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି । ଶ୍ରୀ ବାବୁଙ୍କ ସୂଚନାନୁସାରେ, ରବିବାର, ସୋମବାର ଏବଂ ମଙ୍ଗଳବାର ଭୋର ସାଢ଼େ ୪ଟାରୁ ମଙ୍ଗଳ ଆଳତି ହେବ। ସକାଳ ୫ଟାରେ ପ୍ରାତଃ ଦର୍ଶନ ଆରମ୍ଭ ହେବ । ଅନ୍ନଭୋଗ ପାଇଁ ପୂର୍ବାହ୍ନ ୧୧.୪୫ଟାରୁ



୧୨.୩୦ ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିବ। ସେହିଭଳି ସନ୍ଧ୍ୟା ମହାଆଳତି ପାଇଁ ସନ୍ଧ୍ୟା ୭.୪୫ରୁ ରାତି ୮ଟା ୩୦ ଯାଏଁ ଦର୍ଶନ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ରାତି ସାଢ଼େ ୧୦ଟାରେ ମନ୍ଦିର ପହୁଡ଼ ପଡ଼ିବ । ପୂର୍ବଥର ଭଳି ଏଥର ମଧ୍ୟ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାର୍ଯ୍ୟ ପାଉଣା ଦେଇ ହାତୀ ଦ୍ୱାର ପାଖରେ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ । ୪ନଂ. ଗେଟ୍ ଦେଇ ସାଧାରଣ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଛି। ମହାଳୟାରେ ସ୍ୱତନ୍ତ୍ର ନୀତିକାନ୍ତି ପାଇଁ ଭୋଗ ମଣ୍ଡପ ବନ୍ଦ ରହିବ। ସୋମବାର ଓ ମଙ୍ଗଳବାର ଅନ୍ନ ଭୋଗ ହେବ ବୋଲି ନିଷ୍ପତ୍ତି ହୋଇଛି । ମହାଳୟା ପାଇଁ ମା'ଙ୍କ ମନ୍ଦିର ପରିସର ସହ ବେଢ଼ାକୁ ସଫାସୁତୁରା କରାଯାଇଛି । ମନ୍ଦିର ଗମ୍ଭୀରା ପିତଳ କବାଟ ସଫେଇ ହୋଇଛି । କଟକରୁ ଆସିଥିବା ତାରକସି କାରିଗରଙ୍କ ଦ୍ୱାରା ପରଭା ଓ ଛତରକୁ ସଫା କରାଯାଇଛି।

# ନକଲି ପୁଷ୍ପ ଅଳଙ୍କାର ବିକ୍ରି ଅଭିଯୋଗ : ନିରବ ଶ୍ରୀମନ୍ଦିର ପ୍ରଶାସନ

**ପୁରୀ,୨୦/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ହାଉଯାଉ ହେଉଛି ମହାପ୍ରଭୁଙ୍କ ନକଲି ପୁଷ୍ପ ଅଳଙ୍କାର। ଘର ତଥା ଅନୁଷ୍ଠାନର ମଙ୍ଗଳ ପାଇଁ ଅଧିକ ଟଙ୍କା ଦେଇ ଦାରୁଦିଅଁଙ୍କ ଗୁଣା ଓ ଝୁମ୍ପା ଆଦି ପୁଷ୍ପ ଅଳଙ୍କାର ନେବାକୁ ଭକ୍ତ ପ୍ରତିଯୋଗିତା କରୁଛନ୍ତି । ଏହାର ସୁଯୋଗ ନେଇ ଯିଏ ଯେମିତି ପାରିଲା ଭକ୍ତର ବିଶ୍ୱାସରେ ବିଷ ଦେଇ ନକଲି ଅଳଙ୍କାର ବିକୁଛନ୍ତି। ମହାପ୍ରଭୁଙ୍କ ନାମରେ ଏସବୁ ନକଲି ଅଳଙ୍କାରର କଳାବଜାର ଖୋଲିଛି। ଗୋଟିଏ ପୁଷ୍ପ ଅଳଙ୍କାରକୁ ୫ଶହରୁ ୨ହଜାର ଭଳି ଟଙ୍କା ନିଆଯାଉଛି। ଏହାଦ୍ୱାରା କେବଳ ଭକ୍ତଙ୍କୁ ବିଶ୍ୱାସଘାତ ନୁହେଁ ମହାପ୍ରଭୁଙ୍କ ଅସଲ ମହିମା ମଧ୍ୟ କ୍ଷୁଣ୍ଣ ହୋଇଛି।



ମହାପ୍ରଭୁଙ୍କ ପୁଷ୍ପଅଳଙ୍କାର ବିକାକିଣାକୁ ନେଇ ଶ୍ରୀମନ୍ଦିରରେ ଚାପା ଅସନ୍ତୋଷ ଅନେକ ଦିନରୁ ଦେଖାଗଲାଣି। ଏନେଇ ପୁଷ୍ପାଳକ ନିଯୋଗ ପକ୍ଷରୁ ଲିଖିତ ଆକାରରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଯାଇଛି। ହେଲେ ପ୍ରଶାସକ ଏନେଇ ମୁଣ୍ଡ ନଖେଳାଇବାରେ ଏହି ପ୍ରସଙ୍ଗ ଉଗ୍ର ରୂପ ନେବାଭଳି ପରିସ୍ଥିତି ସୃଷ୍ଟି ହେଲାଣି। ଅସଲି ଭକ୍ତଙ୍କୁ ନକଲି ପୁଷ୍ପଅଳଙ୍କାର ବିକ୍ରି ଏବେ ସୀମାପାର କରିଥିବା ଅଭିଯୋଗ ହୋଇଛି । ଶ୍ରୀଜଗନ୍ନାଥଙ୍କ ଲାଗି ନାମରେ ଠାକୁରଙ୍କ ପୁଷ୍ପ ଅଳଙ୍କାର ବିକ୍ରୟ ଏବେ ଲାଭଜନକ ବ୍ୟବସାୟ ପାଲଟିଛି । ପାର୍ଶ୍ୱ ଦେବତାଙ୍କୁ ଲାଗି କରି ଯିଏ ଯେତେ ପାରିଲା ଚଢ଼ା ଦରରେ ବିକ୍ରୟ କରୁଛନ୍ତି। ଅଧିକାଂଶ ଭକ୍ତ ଜାଣନ୍ତି ଏସବୁ ଅଳଙ୍କାର ମହାପ୍ରଭୁଙ୍କୁ ଲାଗି ହେଉଛି। ଏଣୁ ସମର୍ପଣ ଭାବ ଓ ଆଗ୍ରହରେ ଏସବୁ ଅଳଙ୍କାରର ମୂଲ୍ୟ ସେବକଙ୍କୁ ଦେଇ ଭକ୍ତ ସଂଗ୍ରହ କରୁଛନ୍ତି । ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଓ ଦକ୍ଷିଣଦ୍ୱାର ଉପବନରେ ମହାପ୍ରଭୁଙ୍କ ପୁଷ୍ପ ଅଳଙ୍କାର ତିଆରି ହୋଇ ଠାକୁରଙ୍କୁ ଲାଗି ହୁଏ ।

# ସାର ସଙ୍କଟ ନେଇ ରାଜ୍ୟପାଳଙ୍କୁ ଭେଟିଲେ ବିଜେଡି ବିଧାୟକ



**ଭୁବନେଶ୍ୱର, ୨୦/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସାର ସମସ୍ୟାକୁ ନେଇ ବିଜୁ ଜନତା ଦଳ (ବିଜେଡି)ର ବିଧାୟକମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟିଛନ୍ତି। ସାର ସମସ୍ୟାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି।

ରାଜ୍ୟପାଳଙ୍କୁ ଭେଟିବା ପୂର୍ବରୁ ବିଜେଡିର ବିଧାୟକମାନେ ଶନିବାର ଅପରାହ୍ନରେ ମଧ୍ୟ ସାର ସମସ୍ୟାରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ଗୃହ ମଧ୍ୟ ଭାଗରେ ପ୍ରତିବାଦ କରିଥିଲେ। ବିଜେଡି ବିଧାୟକମାନଙ୍କର ନାରାବାଜି କାରଣରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସୋମବାର ଯାଏଁ ମୁଲତବି ରଖିଥିଲେ। ଏହା ପରେ ବିଜେଡି ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟିବାକୁ ବାହାରିଥିଲେ।

ସୂଚନାଯୋଗ୍ୟ, ସାର ଅଭାବ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ରାଜ୍ୟପାଳଙ୍କୁ ଭେଟି ହସ୍ତକ୍ଷେପ କରିବାକୁ ବିଜେଡି ଦାବି କରିଛି। ଯେହେତୁ ରାଜ୍ୟ ସାରା ସାରର ଉତ୍କଟ ସମସ୍ୟା ଓ ସରକାର ବି ସାର କଳା ବଜାରୀ କଥା ମାନୁଛନ୍ତି, ଏହାର ସମାଧାନର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ହେଲେ ବାଚସ୍ପତି ଏହା କରାଇ ଦେଉ ନଥିବାରୁ ବାରମ୍ବାର ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଗତ ୧୫ ତାରିଖରେ ବି ସାର ପ୍ରସଙ୍ଗରେ ବିଜେଡି ରାଜଭବନ ଆଗରେ ଧାରଣା ଦେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ସରକାର ସଠିକ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ରାଜ୍ୟପାଳ ବି ସରକାରଙ୍କୁ ଅବଗତ କରିଥିବା କହିଛନ୍ତି । ଶନିବାର ବିଜେଡି ବିଧାୟକମାନେ ଗୃହରେ ସାର ସମସ୍ୟା ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରାଇବାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## କିଟ୍‌ରେ ୧୬ତମ ଜାତୀୟ ମାର୍କେଟିଂ କନକ୍ଲେଭ

# ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶିତାର ପ୍ରଶଂସା କଲେ ବିଶିଷ୍ଟ ଶିଳ୍ପପତି

**ଭୁବନେଶ୍ୱର,୨୦ ।୯ ନ୍ୟୁଜ ବ୍ୟୁରୋ**

ସଫଳତାର କୌଣସି ସର୍ଟକଟ୍ ନାହିଁ କି କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ ବୋଲି ବିଶିଷ୍ଟ ଶିଳ୍ପପତି ତଥା ଶ୍ରୀ ସିମେଣ୍ଟର ଅଧ୍ୟକ୍ଷ ହରି ମୋହନ ବାଙ୍ଗୁର ପ୍ରକାଶ କରିଛନ୍ତି। କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ପକ୍ଷରୁ ଶନିବାର ଆୟୋଜିତ ୧୬ତମ ଜାତୀୟ ମାର୍କେଟିଂ କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବାଙ୍ଗୁର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଯେଉଁମାନେ ନିରନ୍ତର କଠୋର ପରିଶ୍ରମର ଅନୁଶାସନକୁ ଆପଣେଇ ଥାଆନ୍ତି ସେମାନେ ନିଶ୍ଚିତ ଭାବେ ସେମାନଙ୍କ କ୍ୟାରିଅରରେ ସଫଳ ହୋଇଥାନ୍ତି। ଜୀବନର ଲକ୍ଷ୍ୟ ଓ ମୂଲ୍ୟବୋଧ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ସହ ବିନମ୍ର ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନିଜର ପ୍ରାସଙ୍ଗିକତା ପରଖିବା ପାଇଁ ସେ ଦୁଇ ଦଶକ ଧରି




କ୍ୟାଟ୍ ପରୀକ୍ଷାରେ ବସିଆସୁଥିବା ନେଇ ନିଜର ଉଦାହରଣ ଦେଇ କହିଲେ, ଜୀବନରେ ତୁମର ଉଦ୍ଦେଶ୍ୟ, ଅନୁଶାସନ, ବିନମ୍ରତା ଓ ସଚ୍ଚୋଟତା ତୁରନ୍ତ ନଜରକୁ ନ ଆସିଲେ ମଧ୍ୟ ଏସବୁ ତୁମକୁ ଆଗକୁ ନେଇ ଆଗେଇ ନେଇଥାଏ। ଏହି ଅବସରରେ ଶ୍ରୀ ବାଙ୍ଗୁର ସମାବେଶୀ ଶିକ୍ଷା ସ୍ୱପ୍ନକୁ ଭାରତର ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନ କିଟ୍ ଓ କିସ୍‌ରେ ସଫଳ କରିବା ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶୀତାର ପ୍ରଶଂସା କରିଥିଲେ। ଭାରତୀୟ ଅର୍ଥନୈତିକ ଯାତ୍ରା ଉପରେ ଆଲୋକପାତ କରି ସେ କହିଲେ, ଆମ ଦେଶ ଏକ ଅଭାବଗ୍ରସ୍ତ ଅର୍ଥ ବ୍ୟବସ୍ଥାରୁ ବାହାରି ଏକ ସମୃଦ୍ଧ ଓ ସମ୍ଭାବନାପୂର୍ଣ୍ଣ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି । କନକ୍ଲେଭର ବିଷୟବସ୍ତୁ ସ୍ଥାୟୀ ବାଣିଜ୍ୟିକ ବିବିଧତା: ପ୍ରଯୁକ୍ତିବିଦ୍ୟା, ସଚ୍ଚୋଟତା ଏବଂ ବ୍ରାଣ୍ଡର ଭବିଷ୍ୟତ ଉପରେ ଶ୍ରୀ ବାଙ୍ଗୁର କହିଲେ, ଏବେ ଅଧିକ ବିକଳ୍ପ ଥିବାବେଳେ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ନବସର୍ଜନା, ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ନିଜର ଉତ୍ପାଦଗୁଡ଼ିକ ସହ ସମ୍ମାନ ଓ ଗୌରବ ପ୍ରଦାନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ଏବଂ ଡ଼ିନ୍ ପ୍ରଫେସର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାର୍କେଟିଂ କନକ୍ଲେଭର ବିଷୟବସ୍ତୁ ଉପରେ ପ୍ୟାନେଲ୍ ଆଲୋଚନା ଓ କର୍ମଶାଳାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବହୁ ପ୍ରତିଷ୍ଠିତ କମ୍ପାନୀର ମାର୍କେଟିଂ ମୁଖ୍ୟମାନେ ଯୋଗଦେଇ ନିଜର ମତାମତ ରଖିଥିଲେ।

# ପୂର୍ବତନ ବିଧାୟକ ଜର୍ଜ ତିର୍କିଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର,୨୦/୦୯ ନ୍ୟୁଜ ବ୍ୟୁରୋ**

ଆଉ ନାହାନ୍ତି ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କି । କିଛି ମାସ ହେବ ଅସୁସ୍ଥ ଥିଲେ ଜର୍ଜ ତିର୍କି । ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶନିବାର ତାଙ୍କର ଦେହାନ୍ତ ହୋଇଛି । ୬୭ ବୟସରେ ଆଖି ବୁଜିଛନ୍ତି ଜର୍ଜ ତିର୍କି। ବିଶିଷ୍ଟ ଶ୍ରମିକ ଓ ଆଦିବାସୀ ନେତା ଭାବେ ସେ ପରିଚିତ ଥିଲେ। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳି ଯାଇଛି। ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି । ସୁନ୍ଦରଗଡ ଜିଲ୍ଲା ବୀରମିତ୍ରପୁର ଥାନା ପୈତୃକ ଗାଁ ଝୁନମୁରରେ ଶନିବାର ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ଜଣାପଡିଛି।

ପ୍ରାୟ ୩ ମାସ ହେବ ଅସୁସ୍ଥ ଥିଲେ ଜର୍ଜ ତିର୍କି । ଗୁରୁବାର ଅପରାହ୍ନରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ତାଙ୍କୁ ଭୁବନେଶ୍ୱର ଅଣାଯାଇଥିଲା। ୪ ଥର ବିଧାୟକ ଥିଲେ ଜର୍ଜ । ୧୯୯୫, ୨୦୦୦, ୨୦୦୯ ଓ ୨୦୧୪ରେ ସେ ବିଧାୟକ ନିର୍ବାଚିତ ହୋଇଥିଲେ । ଜେଏମ୍‌ଏମ୍‌ରୁ ୨ ଥର, ଥରେ ସ୍ୱାଧୀନ ଓ ଥରେ ସମତା କ୍ରାନ୍ତି ଦଳରୁ ଜିତି ବିଧାୟକ ହୋଇଥିଲେ । ଜର୍ଜ ତାର୍କି ରାଜ୍ୟ ରାଜନୀତିରେ ସମତା କ୍ରାନ୍ତି ଦଳର କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ । ପୂର୍ବରୁ ସେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରେ ସକ୍ରିୟ ଥିଲେ। ଜର୍ଜ ତିର୍କିଙ୍କ ବିୟୋଗରେ ଶୋକ ପ୍ରକାଶ କରି



ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଲେଖିଛନ୍ତି, "ବରିଷ୍ଠ ରାଜନେତା ତଥା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।"

ସେହିପରି ଜର୍ଜ ତିର୍କିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି, "ବରିଷ୍ଠ ରାଜନେତା ତଥା ସୁନ୍ଦରଗଡ଼ ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଜନସେବା କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ଅବଦାନ ଅତୁଳନୀୟ । ଲୋକଙ୍କ କଲ୍ୟାଣ ପାଇଁ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।"

# ସୁଭଦ୍ରା ପାଇଁ ୧,୦୯,୮୭,୮୯୪ ଜଣ ମହିଳା କରିଛନ୍ତି ଆବେଦନ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ ହେବା ଠାରୁ ତିନିଗୋଟି କିସ୍ତିରେ ଯଥାକ୍ରମେ ୧,୦୨,୮୦,୦୯୨ ଜଣ, ୧,୦୦,୯୬, ୩୦୭ ଜଣ ଏବଂ ୯୬,୯୬,୯୫୫ ଜଣ



ମହିଳାଙ୍କୁ ଅର୍ନ୍ତଭୁକ୍ତ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସୁଭଦ୍ରା ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନିକଟରେ ୧,୦୯,୮୭,୮୯୪ ଜଣ ମହିଳା ଆବେଦନ କରିଛନ୍ତି ବୋଲି ମହିଳା ଓ ଶିଶୁ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶନିବାର ବିଧାନସଭାରେ ସୂଚନା ଦେଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଗୃହକୁ ଏହି ସୂଚନା ଦେଇଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ଭୁବନେଶ୍ୱର,୨୦/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଶନିବାର ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ମେହେରା ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ମେହେରା ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାରେ ଏହି ବ୍ୟାଙ୍କର ରହିଥିବା ସଂପ୍ରସାରଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଶ୍ରୀ ମେହେରା ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାରେ ପଞ୍ଜାବ ଓ ସିନ୍ଧ୍ ବ୍ୟାଙ୍କ, ବ୍ୟାଙ୍କିଂ ସେବା ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ପ୍ରକାଶ କରି ଜଣାଇଥିଲେ ଯେ, ଓଡ଼ିଶାରେ ଏବେ ଏହି ବ୍ୟାଙ୍କର ବିଭିନ୍ନ ଜିଲ୍ଲାରେ ୩୦ଟି ଶାଖା କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ଏକ କ୍ଷେତ୍ରୀୟ କାର୍ଯ୍ୟାଳୟ (ଜୋନାଲ ଅଫିସ) ସହିତ ଆହୁରି ୨୦ଟି ଶାଖା ଖୋଲାଯିବା ପାଇଁ ଯୋଜନା ରହିଛି । ସେ ଆହୁରି ମଧ୍ୟ କହିଥିଲେ ଯେ, ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଡ଼ିଶାର ଭୁବନେଶ୍ୱରରେ ଜୋନାଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଅନୁମୋଦନ କରିଛନ୍ତି, ଯଦ୍ଦ୍ୱାରା ଓଡ଼ିଶାରେ ଏହି ବ୍ୟାଙ୍କଗୁଡ଼ିକର ପରିଚାଳନା, ଆର୍ଥିକ ସେବା ବୃଦ୍ଧି ଅଧିକ ପ୍ରଭାବୀ କରିବାରେ ସମର୍ଥ ହେବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋଚନାରେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଏହି ବ୍ୟାଙ୍କ ଓଡ଼ିଶାର ବିଭିନ୍ନ ଯୋଜନାମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଶେଷ କରି କୃଷି, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଉନ୍ନତି ଆଦିରେ ବ୍ୟାଙ୍କିଂ ସହଯୋଗ କରିଆସୁଛି। ଆଗାମୀ ଦିନରେ ଏହି ସହଯୋଗ ଅଧିକ ସୁଦୃଢ ହେବ ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀ ମେହେରା ମଧ୍ୟ ଓଡ଼ିଶା ସରକାରଙ୍କ "ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭" ଦୃଷ୍ଟିକୋଣକୁ ଲକ୍ଷ୍ୟ ହାସଲରେ ରାଜ୍ୟର ମିଶନକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିବା ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କର ନୂଆ ଶାଖା ଏବଂ ଜୋନାଲ କାର୍ଯ୍ୟାଳୟ ଖୋଲାଗଲେ ରାଜ୍ୟସରକାରଙ୍କ ତରଫରୁ ଏସଂପର୍କରେ ଆବଶ୍ୟକ ସହଯୋଗ ରହିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ, ବିଜୟୱାଡା ଜୋନର ଜୋନାଲ ମ୍ୟାନେଜର ବିନୟ ଖଣ୍ଡେଲୱାଲ ମଧ୍ୟ ଉପସ୍ଥିତ ଥିଲେ।

# ଗିରଫ ହେଲେ କାଶୀପୁର ଫରେଷ୍ଟ ରେଞ୍ଜର

**ଭୁବନେଶ୍ୱର, ୨୦/୯ ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବନ୍ଧା ହେଲେ କାଶୀପୁର ଫରେଷ୍ଟ ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ । ଓଡ଼ିଶା ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଛନ୍ତି। ତାଙ୍କୁ ଜୟପୁରର ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ହାଜର କରାଯାଇଛି । ସୂଚନାନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ଫରେଷ୍ଟ ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁଙ୍କ ଠିକଣାରେ ଭିଜିଲାନ୍ସ ଟିମ୍ ଚଢଉ କରିଥିଲା। ଜୟପୁର ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ୧୩ ଜଣିଆ ଟିମ୍ ରେଡ୍‌ରେ ସାମିଲ ଥିଲେ । ରେଡ୍ ବେଳେ ଅନ୍ତର୍ଯ୍ୟାମୀ ସାହୁଙ୍କ ନାଁରେ ୫ଟି କୋଠା ଏବଂ ୯ଟି ପ୍ଲଟ୍ ଠାବ ହୋଇଥିଲା ।

